୬ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ୫ ଖେଳାଳିଙ୍କ ଖର୍ଚ୍ଚ ବହନ କରିବେ ଶୁବମନ ଗିଲ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୫୯ ● ୧୮ ଅକ୍ଟୋବର ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-259 ● 18th October 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଶାରଦୀୟ ଦୁର୍ଗାପୂଜା : ସାରା ରାଜ୍ୟ ଉତ୍ସବମୁଖର

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଶାରଦୀୟ ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ଉତ୍ସବମୁଖର ହୋଇପଡିଛି। ପୂଜା ପାଇଁ ଗାଁଠୁ ସହର ଚଳଚଞ୍ଚଳ। ଶନିବାର ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ମହାସପ୍ତମୀ ପୂଜା ପାଳିତ ହୋଇଥିବା ବେଳେ, ମଣ୍ଡପରେ ବେଲବରଣୀ ସହ ଷଷ୍ଠୀ ପୂଜା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁ ଓ ଭକ୍ତମାନେ ମାଆ ଦଶଭୂଜାଙ୍କ ଆରାଧନାରେ ନିମଗ୍ନ ହୋଇଛନ୍ତି। ସବୁ ବର୍ଷ ପରି ଏଥର ମଧ୍ୟ ରାଜଧାନୀର ବିଭିନ୍ନ ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜାର ଭବ୍ୟ ଆୟୋଜନ କରାଯାଇଛି। ଆଖି ଖୋସିଲା ଭଳି ସାଜସଜ୍ଜା , ଆଲୋକମାଳା ସାଙ୍ଗକୁ ସୁଉଚ୍ଚ ତୋରଣ ବିଭିନ୍ନ ପୂଜାମଣ୍ଡପରେ ନିର୍ମାଣ କରାଯାଇଛି। ଯାହା ଅତ୍ୟନ୍ତ ଆକର୍ଷଣୀୟ ହୋଇଚି। ସେପଟେ କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ଓଡ଼ିଆ ଅସ୍ମିତା ଥିମ୍‌ରେ ସଜେଇ ହୋଇଛି ଶହୀଦନଗର ପୂଜା ମଣ୍ଡପ।



ଓଡ଼ିଆ କିର୍ତ୍ତୀ ଓ ଗୌରବକୁ ପୂଜା ମଣ୍ଡପରେ ସ୍ଥାନ ଦିଆଯାଇଛି । ଶ୍ରୀମନ୍ଦିର, ଧଉଳି, ସାଧବ ପୁଅଙ୍କ ବୋଇତ ଯାତ୍ରା, ତାରିଣୀ ପୀଠ, ପିଣ୍ଡିକି ବାହୁ ବଳେନ୍ଦ୍ର , ରଥଯାତ୍ରା, ମା’ ସମଲେଶ୍ୱରୀ ପୀଠ, ଓଡିଶା ମାନଚିତ୍ର, ବୁଦ୍ଧଙ୍କୁ ସ୍ଥାନ ଦିଆଯାଇଛି। ସେପଟେ ଓଡ଼ିଆ ଲୋକେ ଏହି ସମ୍ପୂର୍ଣ୍ଣ ତୋରଣ କୁ ତିଆରି କରିଛନ୍ତି। ଶନିବାର ମଣ୍ଡପରେ ଷଷ୍ଠୀ ପୂଜା ପାରମ୍ପାରିକ ରୀତିରେ ଆରମ୍ଭ ହୋଇଛି। ସେହିପରି ଭୁବନେଶ୍ୱରର ଅନ୍ୟତମ ପ୍ରତିଷ୍ଠିତ ନୟାପଲ୍ଲୀ ଦୁର୍ଗାପୂଜା କମିଟି ପକ୍ଷରୁ ସୁଉଚ୍ଚ ଭର୍ଟିକାନ୍ ସିଟି ପ୍ୟାଲେସ୍ ଥିମ୍‌ରେ ତୋରଣ ନିର୍ମାଣ କରାଯାଇଛି। ଏଠାରେ ମଧ୍ୟ ମା ଦୁର୍ଗାଙ୍କ ସୁନ୍ଦର ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ଅନୁରୂପ ଭାବେ ରସୁଲଗଡ, ପଳାଶୁଣୀ, ବମିଖାଲ, ପୁରୁଣା ଷ୍ଟେସନ ବଜାର, ଲକ୍ଷ୍ମୀସାଗର, ବଡ଼ଗଡ, ପୁରୁଣା ଭୁବନେଶ୍ୱରର ବଢେଇବାଙ୍କ ଛକ, ହାଟସାହି ପ୍ରଭୃତି ପୂଜା କମିଟି ପକ୍ଷରୁ ମା’ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ପଟିଆ, ଗାଡକଣ, ଚନ୍ଦ୍ରଶେଖରପୁର, ଡମଣା, ଶୈଳଶ୍ରୀବିହାର, ଜାଭିୟର ଛକ, ସିଆରପି, ବରମୁଣ୍ଡା, ଖଣ୍ଡଗିରି, ଜାଗମରା, ପୋଖରୀପୁଟ ଆଦି ଅଞ୍ଚଳରେ ପୂଜା ପାଇଁ ମଣ୍ଡପଗୁଡିକରେ ଆକର୍ଷଣୀୟ ସାଜସଜ୍ଜା ସହିତ ରଙ୍ଗୀନ ଆଲୋକରେ ମନମୁଗ୍ଧ କରିଛି।

ଶ୍ୟାମପୁର ଦୁର୍ଗା କମିଟି ପକ୍ଷରୁ ଚଳିତ ବର୍ଷ ରାଜବାଟୀର ରାଜପ୍ରାସାଦ ଥିମ୍‌ରେ ତୋରଣ କରାଯାଇଛି। (ପୃଷ୍ଠା ୭ରେ)

# କୋଲକାତା ଦୁର୍ଗାପୂଜାରେ ଦୁର୍ଘଟଣା : ୧୭ ମୃତ

**କୋଲକାତା, ୧୭।୧୦**

ପଶ୍ଚିମବଙ୍ଗର କୋଲକାତାରେ ଦୁର୍ଗାପୂଜା ମଣ୍ଡପ ନିକଟରେ ଶନିବାର ସନ୍ଧ୍ୟାରେ ଦଳାଚକଟା ଭଳି ଅଘଟଣ ଘଟିଛି । ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ତେବେ ମୃତ୍ୟୁସଂଖ୍ୟାକୁ କୋଲକାତା ପୁଲିସ ଏଯାଏଁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିନାହିଁ । (ପୃଷ୍ଠା ୭ରେ)



## ୨୫ରେ ପ୍ରଧାନମନ୍ତ୍ରୀ ୨୮ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

# ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଭାରତର ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଆଗାମୀ ୨୮ ଓ ୨୯ ତାରିଖରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ଆଗାମୀ ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଗସ୍ତକ୍ରମର ପ୍ରସ୍ତୁତି ଓ ସୁରକ୍ଷା ନେଇ ସମୀକ୍ଷା କରିଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର ୨୫ ତାରିଖରେ ଓଡ଼ିଶା ଆସି ଖୋର୍ଦ୍ଧା ନିକଟସ୍ଥ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର ଶୁଭ ଉଦ୍‌ଘାଟନ କରି ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କର ପଦାଧିକାରୀ, ସଂପୃକ୍ତ ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ, ଖୋର୍ଦ୍ଧା ବୈଠକରେ ଉପସ୍ଥିତ ଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ, ମୟୂରଭଞ୍ଜ ଏବଂ ଏସପି ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଗୃହ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ବିସ୍ତୃତ ଉପସ୍ଥାପନ କରିଥିଲେ ।

ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ୨୫ ଅକ୍ଟୋବର ଅପରାହ୍ନରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୂର୍ଯ୍ୟାସ୍ତ ପୂର୍ବରୁ ଖୋର୍ଦ୍ଧା ହେଲିପ୍ୟାଡରେ ପହଞ୍ଚିବେ । ସେଠାରୁ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ଆସି ଖୋର୍ଦ୍ଧା ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଡାଟା ସେଣ୍ଟର ଓ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ଭୁବନେଶ୍ୱର ବିମାନ ବନ୍ଦର ଫେରି ସେଠାରୁ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ପ୍ରସ୍ତୁତି ନେଇ ସୁରକ୍ଷା ବ୍ୟବସ୍ଥା, କାର୍କେଡ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଶିଶୁମାନଙ୍କ ଖାଦ୍ୟ ଉତ୍ପାଦରେ ଚିନି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ପ୍ରସ୍ତାବ।
- ଦିଲ୍ଲୀ ଯନ୍ତରମନ୍ତର ହିଂସାରେ ପ୍ରଭାବିତ ବ୍ୟକ୍ତିବିଶେଷ ଓ ପୁଲିସ କର୍ମଚାରୀଙ୍କ ସୁବିଧା ପାଇଁ ପୋର୍ଟାଲର ଶୁଭାରମ୍ଭ କଲା ଉଚ୍ଚସ୍ତରୀୟ ତଦନ୍ତ କମିଟି।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୬୬ (+୨୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୧୫ (+୨୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୭୪ (+୧୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୦ (+୦)

## ଏକାଳ ପଖାଳ



ହିସାବ କିତାବ କରୁଥା ନେତାଏ
ପଞ୍ଚାୟତେ କାମ ଦେବ
ଛାତ୍ର ନିର୍ବାଚନ ଫଳାଫଳ ନେଇ
ଏବେ ଚାଲୁଥାଉ ଜିଭ
ଜନତାତ ଦେଖିଥିବ
ଠିକ୍‌ବେଳକୁ ଠିକ୍‌ସବୁ କରି
ଠିକ୍ ହିସାବଟା ନେବ।

# ଭୁବନେଶ୍ୱରରେ ପହଞ୍ଚିଲେ ନୂଆ ରାଜ୍ୟପାଳ

## ବିମାନବନ୍ଦରରେ ସମ୍ବର୍ଦ୍ଧନା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ନବ ନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ ଶନିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ନୂଆ ରାଜ୍ୟପାଳଙ୍କୁ ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟମନ୍ତ୍ରୀମଣ୍ଡଳର ସଦସ୍ୟ ଗଣ ଏବଂ ମୁଖ୍ୟଶାସନ ସଚିବ, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିମାନ ବନ୍ଦର ଠାରେ ନୂତନ ରାଜ୍ୟପାଳଙ୍କୁ ପୋଲିସ୍‌ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହା ପରେ ସେ ସିଧାସଳଖ ପୁରୀ ଗସ୍ତରେ ଯାଇ ଶ୍ରୀମନ୍ଦିର ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ନୂତନ ରାଜ୍ୟପାଳଙ୍କ ସହ ତାଙ୍କ ପତ୍ନୀ ମଧ୍ୟ ଆସିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପରେ ନୂତନ ରାଜ୍ୟପାଳ ଶ୍ରୀ ରାମ କହିଛନ୍ତି ଓଡ଼ିଶାବାସୀଙ୍କ ସେବା ଏବଂ ଓଡ଼ିଶାର ବିକାଶ ପାଇଁ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ସେ ତାଙ୍କର କାର୍ଯ୍ୟ କରିବେ। ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ଫେରି ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବ୍ରଜ ମୋହନ ରାମ ଓଡ଼ିଶାର ୪୪ତମ ରାଜ୍ୟପାଳ ରୂପେ ଶପଥ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।



# ପାର୍ବଣ ଜନଜୀବନର ଅବିଚ୍ଛେଦ୍ୟ ଅଙ୍ଗ : ଓଡ଼ିଶା ହାଇକୋର୍ଟ

**କଟକ, ୧୭।୧୦ : ନ୍ୟୁଜ୍ ବ୍ୟୁରୋ**

ପୂଜା-ପାର୍ବଣ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ତେଣୁ ଏହାକୁ ବନ୍ଦ କିମ୍ବା ଏହା ଉପରେ କଟକଣା ଲଗାଯାଇ ପାରିବ ନାହିଁ। ତେବେ ଉତ୍ସବ ପାଳନ ସମୟରେ ଆଇନଶୃଙ୍ଖଳା ସହ ପ୍ରତ୍ୟେକ ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତା ସୁନିଶ୍ଚିତ କରିବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ଓଡ଼ିଶା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଦଶହରା ପୂର୍ବରୁ ପୂଜାପାର୍ବଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ, ପାର୍ବଣ ବେଳେ ମଣ୍ଡପ ନିର୍ମାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ, ମାତ୍ର କୌଣସି ପରିସ୍ଥିତିରେ ବି ସର୍ବସାଧାରଣଙ୍କ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ କରାଯାଇପାରିବ ନାହିଁ। କୌଣସି ବ୍ୟକ୍ତି ଯେପରି ନିଜ ଘରକୁ ଯିବାଆସିବା କରିବାରେ ହଇରାଣ ନ ହୁଅନ୍ତି ଏବଂ ଜରୁରୀକାଳୀନ (ପୃଷ୍ଠା ୭ରେ)

# ଭିଜିଲାନ୍ସ ମାମଲାରେ ‘ସାକ୍ଷୀ’ ତାଲିକାରୁ ବାଦ୍ ପଡ଼ିବ ସରକାରୀ କର୍ମଚାରୀଙ୍କ ନାଁ

**ଭୁବନେଶ୍ୱର, ୧୭।୧୦**
**ନ୍ୟୁଜ୍ ବ୍ୟୁରୋ**

ଭିଜିଲାନ୍ସ ମାମଲାରେ ଦାଖଲ ହେଉଥିବା ଚାର୍ଜସିଟରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ନାଁକୁ ‘ସାକ୍ଷୀ’ ତାଲିକାରୁ ବାଦ୍ ଦେବା ସହ କୋର୍ଟରେ ସେମାନଙ୍କୁ ବ୍ୟକ୍ତିଗତ ହାଜିରାରୁ ଛାଡ଼ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ରଶ୍ମୀରଞ୍ଜନ ସାହୁ ଏ ସମ୍ପର୍କରେ ଭିଜିଲାନ୍ସ (ପୃଷ୍ଠା ୭ରେ)

# ଡ୍ରେନ୍‌ରେ ଖସିପଡ଼ିଲା ମିନିବସ୍ : ୮ ମୃତ

**କୋଟା, ୧୭।୧୦**

ଶନିବାର ସକାଳେ ରାଜସ୍ଥାନର କୋଟା ଜିଲ୍ଲାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ୨୫ ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ମିନିବସ୍ (ଟେମ୍ପୋ ଟ୍ରାଭେଲର) ନିୟନ୍ତ୍ରଣ ହରାଇ ପ୍ରାୟ ୧୫ ଫୁଟ ତଳେ ଏକ ନାଳରେ ପଡ଼ିଯାଇଥିଲା। ଏହି ଦୁର୍ଘଟଣାରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ସିଟ୍ ମଧ୍ୟରେ ଫସି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବା ପାଇଁ ନିକଟସ୍ଥ ଗ୍ରାମବାସୀମାନେ ସଂଘର୍ଷ କରିଥିଲେ। ଜିଲ୍ଲା କଲେକ୍ଟର ପୀୟୁଷ ସମରିଆ କହିଛନ୍ତି ଯେ ଦୁର୍ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଆହତମାନଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ଅଣାଯାଇଛି। ପୋଲିସ ଅନୁଯାୟୀ, ଶନିବାର ସକାଳ ପ୍ରାୟ ୬ଟାରେ ସିମାଲିଆ ଥାନା ଅଞ୍ଚଳର କରାଡିଆ ଟୋଲରୁ କିଛି କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଟେମ୍ପୋ ଟ୍ରାଭେଲର୍ଟି ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରୁ ଖଟୁଶ୍ୟାମଙ୍କୁ ଦର୍ଶନ କରିବାକୁ ଯାଉଥିଲା। ଏଥିରେ ୨୫ ରୁ ଅଧିକ ଯାତ୍ରୀ ଥିଲେ।

15001/117/2627





ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା’ ଦୁର୍ଗା ହେଉଛନ୍ତି ମାତୃଶକ୍ତିର ପ୍ରତୀକ । ଦୁର୍ଗାପୂଜା ହେଉଛି ଅଧର୍ମ ଉପରେ ଧର୍ମର ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ । ଏହି ସାମୂହିକ ଉତ୍ସବ ସମାଜରେ ଭାଇଚାରା, ଏକତା ଓ ଆତ୍ମୀୟତାକୁ ପ୍ରତିଫଳିତ କରିଥାଏ । ଗାଁରୁ ସହର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ । ମା’ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।

ପବିତ୍ର ଦୁର୍ଗାପୂଜା ଅବସରରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆଶୀର୍ବାଦରେ ସଂସାରରୁ ଦୁଃଖ, ଅନ୍ୟାୟ ଓ ଅଶାନ୍ତି ଦୂର ହୋଇ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ, ମା’ଙ୍କ ନିକଟରେ ଏହା ହିଁ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0116

# ଇଣ୍ଟରନେଟ୍‌ର ବ୍ୟବହାର ଛୋଟ ପିଲାଙ୍କ ମୌଳିକ ଅଧିକାର



**ନୂଆଦିଲ୍ଲୀ, ୧୭।୧୦**

ବୟସ ଭିତ୍ତିକ ଇଣ୍ଟରନେଟ ବ୍ୟବହାରର ସମୂହ ବ୍ୟାନ ଦାବିକୁ ଅଗ୍ରାହ୍ୟ କରି ଦେଇଛନ୍ତି ସୁପ୍ରିମକୋର୍ଟ। ଇଣ୍ଟରନେଟ ହାସଲ କରିବା ଓ ଏହାକୁ ବ୍ୟବହାରା କରିବା ପିଲାଙ୍କ ସମେତ ସବୁ ବର୍ଗର ଲୋକଙ୍କର ଗୋଟିଏ ମୌଳିକ ଅଧିକାର ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି ସର୍ବୋଚ୍ଚ ଅଦାଲତ। ତେବେ ପିଲାମାନଙ୍କୁ ଅନଲାଇନ ସେକ୍ସୁଆଲ ଦୁର୍ବ୍ୟବହାରରୁ ସୁରକ୍ଷା ଦେବା ପାଇଁ କଠୋର ନୀତି ଆପଣା ଯିବା ସପକ୍ଷରେ ସୁପ୍ରିମକୋର୍ଟ ମତ ରଖିଛନ୍ତି। ବିଭିନ୍ନ ସୋଶାଲ ମିଡିଆ ପ୍ଲାଟଫର୍ମରୁ ଛୋଟ ପିଲାଙ୍କ ସହ ଜଡ଼ିତ ଅଶ୍ଳୀଳ ବିଷୟବସ୍ତୁକୁ ତତ୍କାଳ ଚିହ୍ନଟ ଓ ସେଗୁଡ଼ିକୁ ହଟାଇବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

କୋର୍ଟ କହିଛନ୍ତି ଯେ ଛୋଟ ପିଲାଙ୍କ ସୁରକ୍ଷା ଓ ସ୍ୱାଧୀନତା ପରସ୍ପରର ବିରୋଧୀ ନୁହନ୍ତି। ଛୋଟ (ପୃଷ୍ଠା ୭ରେ)





# ମା' ସୁରେଶ୍ୱରୀଙ୍କ କାତ୍ୟାୟନୀ ବେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶାରଦୀୟ ନବରାତ୍ରୀର ଷଷ୍ଠ ଦିବସରେ ପବିତ୍ର ଦେବଭୂମି ସୁବର୍ଣ୍ଣପୁରର ଆରାଧ୍ୟା ମାଁ ସୁରେଶ୍ୱରୀଙ୍କ ସମେତ ମାଁ ଭଗବତୀ ଓ ମାଁ ଦୁର୍ଗାଦେବୀ କାତ୍ୟାୟନୀ ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କ ମନୋହର ବେଶ ଦର୍ଶନ ପାଇଁ ବିଭିନ୍ନ ପୀଠରେ ଭକ୍ତଙ୍କ ଭିଡ଼ ଜମିଥିବାବେଳେ ସମଗ୍ର ସହର ଭକ୍ତି ଓ ଆଧ୍ୟାତ୍ମିକ ଭାବଧାରାରେ ମୁଖରିତ ହୋଇଉଠିଥିଲା। କାତ୍ୟାୟନୀ ଦେବୀ ଶକ୍ତି, ସାହସ, ନ୍ୟାୟ ଓ ଧର୍ମର ପ୍ରତୀକ। ଚତୁର୍ଭୁଜା ଓ ସିଂହବାହିନୀ ଦେବୀଙ୍କ ଦିବ୍ୟ ସ୍ୱରୂପ ଭକ୍ତଙ୍କ ମନରେ ଭକ୍ତି, ଆସ୍ଥା ଓ ଆଶାର ସଞ୍ଚାର କରିଥିଲା। ଏହି ପବିତ୍ର ଦିବସରେ ଭକ୍ତମାନେ ଶ୍ରଦ୍ଧା ଓ ନିଷ୍ଠାର ସହ ମାଁଙ୍କ ଆରାଧନା କରି ସଂସାରର ମଙ୍ଗଳ, ସତ୍ୟ ଓ ଧର୍ମର ବିଜୟ ତଥା ଜୀବନରେ ସୁଖ ଓ ସମୃଦ୍ଧି କାମନା କରିଥିଲେ। ମାଁ ସୁରେଶ୍ୱରୀ ଓ ମାଁ ଦୁର୍ଗାଦେବୀଙ୍କ ପୀଠରେ ନବରାତ୍ରୀ ଉପଲକ୍ଷେ ସଂସାରର ମଙ୍ଗଳ କାମନାରେ ଯଜ୍ଞାନୁଷ୍ଠାନ ଆୟୋଜିତ ହେଉଅଛି। ଅନ୍ୟପକ୍ଷରେ, ଥଳାପତି ପଡ଼ାରେ ମାଁ ଦୁର୍ଗାଦେବୀଙ୍କ ନବରାତ୍ରୀ ପୂଜା ଭକ୍ତିମୟ ପରିବେଶ ସୃଷ୍ଟି କରୁଅଛି। ଦେବୀଙ୍କ କାତ୍ୟାୟନୀ ବେଶ ଦର୍ଶନ କରି ଭକ୍ତମାନେ ମାଁଙ୍କ କୃପା ଓ ଆଶୀର୍ବାଦ କାମନା କରିଛନ୍ତି। ନବରାତ୍ରୀର ଏହି ଆଧ୍ୟାତ୍ମିକ ପରିବେଶ ସମଗ୍ର ସୁବର୍ଣ୍ଣପୁରକୁ ଭକ୍ତି ଓ ଶ୍ରଦ୍ଧାର ଅପୂର୍ବ ଆବେଶରେ ଆବୃତ୍ତ କରୁଥିବା ପ୍ରତୀୟମାନ ହେଉଥିଲା।





# ଜଗତସିଂହପୁର ଜିଲ୍ଲାରେ ଭାରୀଯାନ ଚଳାଚଳ ଓ ପାର୍କିଂ ଉପରେ କଟକଣା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ୍ ମୋଟର ଯାନ ଆକ୍ଟ ୧୯୮୮ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌରପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ଓ ସାଧାରଣ ଜନତାଙ୍କ ଯାତାୟାତ ଅସୁବିଧାକୁ ଦୃଷ୍ଟିରେ ରଖି ସକାଳ ୮ଟାରୁ ସକାଳ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପୌରାଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ରୁ ଊର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣାର କାରଣ ପାଲଟିଛି। ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ରୁ ଊର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲାର ରାଜ୍ୟ ରାଜପଥ-୧୨ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ୍ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ ରୁମ୍ ପର୍ଯ୍ୟନ୍ତ ଏବଂ ପୋଲିସ ଷ୍ଟେସନ୍ ଛକର ବାମ ପାର୍ଶ୍ୱରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡରୁ ମେଡିକାଲ୍ ଏବଂ ପୋଲିସ୍ ଷ୍ଟେସନ୍ ଛକରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀର ହାଇଲେବଲ୍ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ୍, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ଏହାକୁ 'ନୋ ପାର୍କିଂ' ଜୋନ୍ ଘୋଷଣା କରାଯାଇଛି। ସେହିପରି ଅଏଲ୍ ଟର୍ମିନାଲ୍ ଠାରୁ କାର୍ଗିଲ୍ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ତୈଳ ଶୂନ୍ୟ ଅଏଲ୍ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ୍ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ୍ ଜଙ୍କସନ୍ ଦେଇ ପିପିଏଲ୍ ଛକ ବାଟେ ପ୍ରସ୍ଥାନ କରିବେ । ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ତା ୧୦.୧୧.୨୦୨୬ ରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ଜେଲ୍

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଥାନା ଅଞ୍ଚଳରେ ଜଣେ ସାଢ଼େ ୩ ବର୍ଷର ନାବାଳିକାକୁ ଅପହରଣ ଓ ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ଧୁମା ଓରଫ କାର୍ତ୍ତିକ ଭୋଇ (୩୩)ଙ୍କୁ ୨୦ ବର୍ଷ କଠୋର କାରାଦଣ୍ଡ ହୋଇଛି। ଝାରସୁଗୁଡ଼ାର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ଏହି ରାୟ ଶୁଣାଇଛନ୍ତି। ଏଥିସହ ଦୋଷୀଙ୍କୁ ମୋଟ୍ ୩୫ ହଜାର ଟଙ୍କା ଜରିମାନା ମଧ୍ୟ ଦଣ୍ଡାଦେଶ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ଏହି ମାମଲାରେ ଲଖନପୁର ଥାନାରେ ଗତ ଅଗଷ୍ଟ ୧୪ ତାରିଖରେ କେସ୍ ନମ୍ବର ୨୪୪/ ୨୦୨୫ ରୁଜୁ ହୋଇଥିଲା। ଗ୍ରିଣ୍ଡୋଲା ଗ୍ରାମର କାର୍ଣ୍ଣାଟିକ୍ରାପଡ଼ା ଅଞ୍ଚଳର ବାସିନ୍ଦା ଧୁମା ଓରଫ କାର୍ତ୍ତିକ ଭୋଇଙ୍କ ବିରୋଧରେ ନାବାଳିକାକୁ ଅପହରଣ ଓ ଗୁରୁତର ଯୌନ ନିର୍ଯାତନା ଅଭିଯୋଗ ହୋଇଥିଲା। ଅଦାଲତ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଦୋଷୀଙ୍କୁ ୨୦ ବର୍ଷ କଠୋର କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୧୩୭(୨) ଅନୁଯାୟୀ ୫ ବର୍ଷ କଠୋର କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଉଭୟ କାରାଦଣ୍ଡ ଏକକାଳୀନ ଚାଲିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଏକ ଉଲ୍ଲେଖନୀୟ ଦିଗ ହେଉଛି, ଏତଲା ରୁଜୁ ହେବାର ମାତ୍ର ୬୩ ଦିନ ମଧ୍ୟରେ ଅଦାଲତ ରାୟ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତଦାରଖରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ ପ୍ରମାଣ ସଂଗ୍ରହ, ଚାର୍ଜସିଟ୍ ଦାଖଲ ଏବଂ ଅଭିଯୋଜନ ପକ୍ଷ ସହ ସମନ୍ୱୟ ରକ୍ଷା କରାଯାଇଥିଲା। ଏହି ମାମଲାର ତଦନ୍ତ ପୂର୍ଣ୍ଣମୀ ଓରାମ କରିଥିବାବେଳେ ସ୍ୱତନ୍ତ୍ର ସରକାରୀ ଓକିଲ ଆର୍.କେ. ଶ୍ରୀବାସ ମାମଲା ପରିଚାଳନା କରିଥିଲେ। ଅତିରିକ୍ତ ସରକାରୀ ଓକିଲ ଅଭିଷେକ ଜୟସ୍ୱାଲ ତାଙ୍କୁ ସହଯୋଗ କରିଥିଲେ।



# ପ୍ରେମ ଜନିତ କାରଣରୁ ମହାନଦୀକୁ ଡେଇଁଲେ ଯୁବକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ-କିଆକଟା ମହାନଦୀ ବ୍ରିଜ୍ ଉପରୁ ଶୁକ୍ରବାର ସକାଳେ ଜଣେ ଯୁବକ ନଦୀକୁ ଡେଇଁ ପଡ଼ିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ସୂଚନା ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ତତ୍ପରତାର ସହ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ଯୁବକଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁଯାୟୀ, ପୁରୁଣାକଟକ ଥାନା ଅନ୍ତର୍ଗତ ପାବୁଲିପଡ଼ା ଗ୍ରାମର ୨୨ ବର୍ଷୀୟ ଲିପୁନ ବେହେରା ତାଙ୍କ ସମ୍ପର୍କୀୟ ଭାଇ ରାଜେ ବେହେରା ଓ ଜଣେ ଯୁବତୀଙ୍କ ସହ ଏକ ସ୍କୁଟିରେ ମହାନଦୀ ବ୍ରିଜ୍ ଉପରକୁ ଆସିଥିଲେ। ସେଠାରେ କିଛି ସମୟ ରହିବା ପରେ ଲିପୁନ ନଦୀକୁ ଡେଇଁ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ହଠାତ୍ ଏଭଳି ଘଟଣା ଘଟିବାରୁ ବ୍ରିଜ୍ ଉପରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଅଗ୍ନିଶମ କର୍ମଚାରୀଙ୍କ ଉଦ୍ୟମରେ ଯୁବକଙ୍କୁ ଉଦ୍ଧାର କରାଯିବା ପରେ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନିଆଯାଇଥିଲା। ଅନ୍ୟପକ୍ଷରେ ଯୁବକଙ୍କ ଏଭଳି ପଦକ୍ଷେପ ପଛରେ ପ୍ରେମଜନିତ କାରଣ ଥାଇପାରେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏହି ଚର୍ଚ୍ଚାର ସତ୍ୟତା ସ୍ପଷ୍ଟ ହୋଇନଥିବା ବେଳେ ଘଟଣାର ପ୍ରକୃତ କାରଣ ମଧ୍ୟ ଜଣାପଡ଼ିନାହିଁ। ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ କରାଗଲେ ସମସ୍ତ ତଥ୍ୟ ସ୍ପଷ୍ଟ ହୋଇପାରିବ ବୋଲି ଆଶା କରାଯାଉଛି।

## ////////////// ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ //////////////

# ୨୦୨୯ ସୁଦ୍ଧା ଓଡ଼ିଶାକୁ ଶିଶୁ ଶ୍ରମ ମୁକ୍ତ କରାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ସମସ୍ତ ଗ୍ରାମପଞ୍ଚାୟତକୁ ୨୦୨୯ ସୁଦ୍ଧା ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୪ ଦିନିଆ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଜାରି ରହିଛି। ଅକ୍ଟୋବର ୨ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନ ଅନ୍ତର୍ଗତ ଶିଶୁ ଶ୍ରମର କୁପରିଣାମ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ଆଇନ୍‌ର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ଅଧ୍ୟକ୍ଷତାରେ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍, ୧୯୮୬ ସମ୍ପର୍କିତ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ଶ୍ରମମୁକ୍ତ ଓଡ଼ିଶା ଗଠନ ପାଇଁ ସମୂହ ଶପଥ ପାଠ କରାଯାଇଥିଲା। ଗ୍ରାମାଞ୍ଚଳରେ ଶିଶୁ ଶ୍ରମ ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଦିଗରେ ସମସ୍ତେ ନିଜ ନିଜ ସ୍ତରରେ ଦାୟିତ୍ୱବାନ ଭୂମିକା ନିର୍ବାହ କରିବା ଆବଶ୍ୟକ ବୋଲି ଶ୍ରୀ ଦାସ କହିଥିଲେ। ଶିଶୁମାନଙ୍କୁ ଶୋଷଣରୁ ମୁକ୍ତ ରଖିବା ସହ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ, ସ୍ଥାନୀୟ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ସମନ୍ୱିତ ପ୍ରୟାସ ଅପରିହାର୍ଯ୍ୟ ବୋଲି ସେ ମତ ଦେଇଥିଲେ। ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂହ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମାନସ ବିଶ୍ୱାଳ ଏବଂ ଭାରତୀୟ ମଜଦୁର ସଂଘର ଶ୍ରମିକ ନେତା ବସନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଶିଶୁ ଓ କିଶୋର ଶ୍ରମିକଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଉଦ୍ଧାର କରିବା, ଆଇନ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ୍‌ଗତ ପଦକ୍ଷେପ ଗ୍ରହଣ କରିବା ଏବଂ ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ଶିକ୍ଷା ଓ ସୁରକ୍ଷାର ସୁଯୋଗ ଯୋଗାଇଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଶିଶୁ ଶ୍ରମର ନିରାକରଣ କେବଳ ଆଇନ୍ ପ୍ରଣୟନରେ ସୀମିତ ନରହି ସାମାଜିକ ଦାୟିତ୍ୱ ଓ ସମୂହ ସହଯୋଗ ମାଧ୍ୟମରେ ସଫଳ ହୋଇପାରିବ। ତେଣୁ ଶିଶୁମାନଙ୍କୁ ଶ୍ରମରୁ ଦୂରେଇ ରଖି ସେମାନଙ୍କ ପାଇଁ ଶିକ୍ଷା, ସୁରକ୍ଷା ଓ ସାମଗ୍ରିକ ବିକାଶର ଅନୁକୂଳ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ରହିଛି।





# ଫ୍ରୁଟ୍ ଭେଣ୍ଡିଂ ଜୋନ୍‌ରେ ଅଗ୍ନିକାଣ୍ଡ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ବିଜିପୁର ଫ୍ରୁଟ ଭେଣ୍ଡିଂ ଜୋନ୍‌ରେ ରାତି ପ୍ରାୟ ୨ଟା ସମୟରେ ଅଗ୍ନିକାଣ୍ଡ ଘଟି ତିନିଟି ଫଳ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ଦୋକାନଟି ସଂପୂର୍ଣ୍ଣ ପୋଡିଯାଇଛି। ଅଗ୍ନିଶମ ବାହିନୀ ଉଭୟ ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁଁ ବ୍ୟବସାୟୀମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡୁଛି।

# ବିପୁଳ ମଦ ଜବତ:୭ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପାର୍ବଣ ଋତୁକୁ ଆଖି ଆଗରେ ରଖି କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, ମାର୍ଶାଘାଇ, ଡେରାବିଶ ଓ ତାଳଚୁଆ ମେରାଇନ୍ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଅମରାବତୀ ଗ୍ରାମର ପ୍ରଦୀପ ପଣ୍ଡାଙ୍କ ନିକଟରୁ ୨୯ ଲିଟର ବିଦେଶୀ ମଦ, ଶୀଳାପୋଖରୀ ଗ୍ରାମର ଲକ୍ଷ୍ମୀ ମଣ୍ଡଳଙ୍କ ନିକଟରୁ ୩୪ ଲିଟର ବିଦେଶୀ ମଦ, ବାଲିଶୁଆଁ ଗ୍ରାମର ଗଗନ ସ୍ୱାଇଁ (୪୯)ଙ୍କ ନିକଟରୁ ୨୫ ଲିଟର ଦେଶୀ ମଦ, ଗୋବର୍ଦ୍ଧନପୁର ଗ୍ରାମର ସବିତା ରାଉତଙ୍କ ନିକଟରୁ ୧୮ ଲିଟର ବିଦେଶୀ ମଦ, ସୁବଳ ଗ୍ରାମର ଦିଲୀପ କୁମାର ସ୍ୱାଇଁଙ୍କ ନିକଟରୁ ୨୯ ଲିଟର ବିଦେଶୀ ମଦ ଏବଂ ଡେରାଡିଅ ଗ୍ରାମର ସୁବାଶ ସାହୁ (୫୫)ଙ୍କ ନିକଟରୁ ୨୪ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା। ସେହିପରି ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁଙ୍କ ନିକଟରୁ ୩୨ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ଏହି ଚଢ଼ଉରେ ମୋଟ୍ ୧୯୧ ଲିଟର ମଦ ଓ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିବାବେଳେ ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି ।

## ସୋନପୁର କଲେଜ ଛାତ୍ର ସଂସଦ ନିର୍ବାଚନ

# ରୋଶନ ସଭାପତି ଓ ସୁନିଲ ସାଧାରଣ ସମ୍ପାଦକ ନିର୍ବାଚିତ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁରର ସର୍ବପୁରାତନ ସୋନପୁର କଲେଜରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି। ଦୀର୍ଘ ୮ ବର୍ଷ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ନେଇ ଛାତ୍ରଛାତ୍ରୀଙ୍କ ଉତ୍କଣ୍ଠା ବଢ଼ିଥିଲା । ସୋନପୁର କଲେଜର ସର୍ବମୋଟ୍ ୧୨୧୪ ଜଣ ଭୋଟରଙ୍କ ମଧ୍ୟରୁ ୯୨୬ ଜଣ ଭୋଟର ମତଦାନ ସହ ସର୍ବମୋଟ୍ ୭୬.୨ ପ୍ରତିଶତ ମତଦାନ ହୋଇଥିଲା । ତେବେ ଛାତ୍ର ସଂସଦ ସଭାପତି ପଦବୀରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥି ରୋଶନ ଶର୍ମା ୫୬୩ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଆକାଶ ବଡମାଲି ୩୫୦ ଭୋଟ୍ ପାଇଥିଲେ । ସେହିପରି ଉପସଭାପତି ଲଭ୍ଲି ସାହୁ ୫୮୬ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ରଚନା କୁମ୍ଭାର ୩୨୨ ଭୋଟ୍ ପାଇଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ପ୍ରଧାନ ୫୪୯ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ସମୀର ବାରିକ ୩୬୧ ଭୋଟ୍ ପାଇଥିଲେ । କ୍ରୀଡ଼ା ସମ୍ପାଦକ ସ୍ୱାଧୀନ ସାହୁ ୫୭୭ ଖଣ୍ଡ ପାଇ ବିଜୟୀ ହୋଇଥିବା ବେଳେ ଶୁଭମ୍ ସାହୁ ୩୪୭ ଖଣ୍ଡ ଭୋଟ୍ ପାଇଥିଲେ । ସେହିପରି ସହ ସାଧାରଣ ସମ୍ପାଦକ ଭାବରେ କ୍ରିଷ୍ଣ କୁମାର ନାଏକ, ନାଟ୍ୟ ସମ୍ପାଦକ ସ୍ୱପ୍ନା ନାଏକ, ସହ ନାଟ୍ୟ ସମ୍ପାଦକ ସନାତନ କର୍ଣ୍ଣ, ସହ କ୍ରୀଡ଼ା ସମ୍ପାଦକ ଆଶୁତୋଷ କୁମାର ଭୋଇ, ଡେ ସ୍କଲାର ସହ ସମ୍ପାଦକ ପ୍ରୀତମ ସୁନା, ଡେ ସ୍କଲାର ସମ୍ପାଦକ ସମୀର ନାଏକ, ସଂଗୀତ ସମାଜ ସମ୍ପାଦକ ଜିତେନ୍ଦ୍ର କଳତା, ବିଜ୍ଞାନ ସମାଜ ସମ୍ପାଦକ ଶାଶ୍ୱତ କୁମାର ପଣ୍ଡା, ସମାଜ ସେବା ସମ୍ପାଦକ ବାଦଲ ନାଏକ, କଲେଜ ପତ୍ରିକା ପ୍ରତିନିଧି ଜୟମଙ୍ଗଳ ଦଳବେହେରା ବିଜୟୀ ହୋଇଛନ୍ତି । ମୋଟ୍ ୯ଟି ରାଉଣ୍ଡରେ ହୋଇଥିବା ଏହି ଭୋଟ୍ ଗ୍ରହଣ ପ୍ରକ୍ରିୟା ୬ଟି ବୁଥ୍‌ରେ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ନିର୍ବାଚନରେ ଗଣନା ଅଧିକାରୀ ଭାବରେ ଅକ୍ଷୟ କୁମାର ସାହୁ, ଡ. ସୌରଭ ଖମାରୀ ନିର୍ବାଚନ ଅଧିକାରୀ, ଅଧ୍ୟାପକ ଉମାକାନ୍ତ ନାଗ ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ। ଡ. ନରେନ୍ଦ୍ର ପ୍ରଧାନ, ଲେଫ୍ଟନାଣ୍ଟ ଆଶିଷ କୁମାର ଅଗ୍ରୱାଇ, ଡ. ମିନ କେତନ କୁମାର, ଦେବେଶ କୁମାର ମିଶ୍ର, ଚିନ୍ମୟ ପଧାନ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ବିଜୟୀ ପରେ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ଅଭିଶେକ ଶର୍ମା, ରାଜ୍ୟ ଛାତ୍ର ଜନତା ଦଳର ସମ୍ପାଦକ ଅମିୟ କୁମାର ଦାଶ, ପୂର୍ବତନ ବିଜୁ ଛାତ୍ର ଜନତା ସଭାପତି ଶାଶ୍ୱତ କୁମାର ମିଶ୍ର, ପୀୟୁଷ ପଣ୍ଡା ଏବଂ ସୋନାଲୀ ବିଶି ପ୍ରମୁଖ କଲେଜ ସମ୍ମୁଖକୁ ଯାଇ ନିର୍ବାଚିତ ବିଜୁ ଛାତ୍ର ଜନତା ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତେବେ ଭୋଟ ଗଣତି ସରିବା ପରେ ନିର୍ବାଚିତ ପ୍ରାର୍ଥୀ ଏକ ବିଜୟ ଶୋଭାଯାତ୍ରା ବାହାରି ମା' ସୁରେଶ୍ୱରୀଙ୍କ ମନ୍ଦିର ଠାରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେଇଥିଲେ। ଆଇନ୍ ଶୃଙ୍ଖଳାକୁ ନଜରରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

# ୧୯ଥର ଛୁରି ଭୁସି ହତ୍ୟା ମାମଲା:ଆସାମୀକୁ ଆଜୀବନ କାରାଦଣ୍ଡ ଓ ଜରିମାନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଜିଲ୍ଲା ଓ ଦୌରାଜଜ୍ ଦୀପକ କୁମାର ଏକ ହତ୍ୟା ମାମଲାର ବିଚାର କରି ଆସାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରି ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆଉ ଏକ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ। ଘଟଣାରୁ ପ୍ରକାଶ ଯେ ୧୮.୦୪.୨୦୨୪ ମସିହାରେ ବଳରାମ ମହାରଣା ଓ ଅକ୍ଷୟ କୁମାର ଖଟୁଆ କେନ୍ଦ୍ରାପଡା ଟାଉନ୍ ଥାନା ଅନ୍ତର୍ଗତ ଟାଉନ୍ ବଳରାମପୁର ଏକ ପାନ ଦୋକାନରେ ଥଣ୍ଡା ପିଉଥିବା ସମୟରେ ଆସାମୀ ଆଦିତ୍ୟ ବେହେରା ଓରଫ ବୁଲୁ ବେହେରା ବଳରାମ ମହାରଣାଙ୍କୁ ଛୁରି ଭୁସିବା ଆରମ୍ଭ କଲାବେଳେ ଅକ୍ଷୟ କୁମାର ଖଟୁଆ ମଧ୍ୟସ୍ଥି କରି ଛଡେଇବାକୁ ଚେଷ୍ଟା କଲାବେଳେ ତାଙ୍କୁ ମଧ୍ୟ ୧୯ ଥର ଛୁରି ଭୁସି ଥିଲା। ଫଳରେ ଅକ୍ଷୟ କୁମାର ଖଟୁଆଙ୍କ ମୃତ୍ୟୁ ହୋଇଥିଲା। ଶରତ କୁମାର ଖଟୁଆଙ୍କ ଏତଲା ଅନୁଯାୟୀ ଟାଉନ୍ ଥାନା କେଶ୍ ନମ୍ବର - ୭୯/୨୪ ଓ ଏସ୍‌ଟି କେଶ୍ ନମ୍ବର- ୧୭୦/୨୪ର କେଶ୍‌ର ବିଚାର କରି ସାକ୍ଷ୍ୟ ପ୍ରମାଣ ଗ୍ରହଣ କଲାପରେ ବିଚାରପତି ଦୀପକ କୁମାର ଆସାମୀ ଆଦିତ୍ୟ ପ୍ରସାଦ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜିଲ୍ଲା ଅଭିଯୋଜନା ନିର୍ଦ୍ଦେଶାଳୟ, କେନ୍ଦ୍ରାପଡାଙ୍କ ତତ୍ତ୍ୱବଧାନରେ ପରିଚାଳିତ ମାମଲାକୁ ପିପି ସୌଭାଗ୍ୟବତୀ, ଆଳାୟ ମଣି ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ୬୧ ଗ୍ରାମ୍ ହେରୋଇନ୍ ଜବତ:ବେପାରୀ ଗିରଫ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଯାହାନପୁର ୟୁପି ସ୍କୁଲ ନିକଟ ଗାଁ ରାସ୍ତାରେ ଜଗତସିଂହପୁର ଅବକାରୀ ବିଭାଗ ପାଟ୍ରୋଲିଙ୍ଗ ସମୟରେ ଧଳା ଜହର ବେପାରୀକୁ ମାଡି ବସିଥିବା ସୂଚନା ମିଳିଛି । ଯାହାନପୁର ମଣ୍ଡାସାହି ଗ୍ରାମର ୩୪ ବର୍ଷୀୟ ଧଳାଜହର ଚୋରା ବେପାରୀ ପ୍ରଶାନ୍ତ କୁମାର ସ୍ୱାଇଁ ନିକଟରୁ ୬୧ ଗ୍ରାମ୍‌ର ହେରୋଇନ୍ ସହିତ ଗୋଟେ ହୋଣ୍ଡା ଡିଓ ଗାଡି ଜବତ କରିଛି । ଜବତ ହେରୋଇନ୍‌ର ଆନୁମାନିକ ବଜାର ମୂଲ୍ୟ ୬ ଲକ୍ଷ ୯୦ ହଜାର ହେବ ବୋଲି ଅବକାରୀ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ସୂଚନା ଦେଇଥିଲେ । ଏହି ଚଢ଼ଉରେ ଏକ୍ସାଇଜ୍ ଜିଲ୍ଲା ମୋବାଇଲ୍ ୟୁନିଟ୍ ଇନ୍ସପେକ୍ଟର ଜଗତସିଂହପୁରର ପ୍ରଭାସ କୁମାର ଚୌଧୁରୀ, ଏସ୍‌ଆଇ ଭାଗ୍ୟଲକ୍ଷ୍ମୀ ଦଲାଇ, ଏଏସ୍ ଆଇ କ୍ଷୀରୋଦ କୁମାର ସାହୁ, ସୁକାନ୍ତ ମାଝି ଏକ୍ସାଇଜ୍ କନଷ୍ଟେବଲ, ବିଶ୍ୱ ରଂଜନ ସ୍ୱାଇଁ ଏକ୍ସାଇଜ୍ କନଷ୍ଟେବଲ, ବିଶ୍ୱନାଥ ମୁଣ୍ଡା ଏକ୍ସାଇଜ୍ କନଷ୍ଟେବଲ, ଶୁଭଶ୍ରୀ ବିଶ୍ୱାଳ ଏକ୍ସାଇଜ୍ କନଷ୍ଟେବଲ ପ୍ରମୁଖ ସାମିଲ ଥିଲେ । ଅବକାରୀ ଅଭିଯୁକ୍ତ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଇନ୍ସପେକ୍ଟର ଶ୍ରୀ ଚୌଧୁରୀ ସୂଚନା ଦେଇଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୧୮।୧୦।୨୦୨୬, କାର୍ତ୍ତିକ ଦ୨ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୪୩।୧୫ ଚନ୍ଦ୍ରୋଦୟ- ଦିଘ୧୨।୧୧।୪୪**
ସପ୍ତମୀ ଦିଘ ୮।୩୦ ପର୍ଯ୍ୟନ୍ତ। ପୂର୍ବାଷାଢ଼ା ନକ୍ଷତ୍ର ଦିଘ ୧୨।୫୦ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର ରାଘ ୭।୩୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । ରାଘ ୭।୩୪ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ରାଘ ୭।୩୪ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୪ ଗତେ ଦିଘ ୮।୫୨ ମଧ୍ୟେ। ଦିଘ ୩।୪୬ ଗତେ ଦିଘ ୩।୫୫ ମଧ୍ୟେ। **ପର୍ବୋତ୍ସବ-** ପୀଠେ ମହାଷ୍ଟମୀ ଓ ଶ୍ରୀ ଦୁର୍ଗା ଦେବୀଙ୍କର ମହାସପ୍ତମୀ ପୂଜା, ଭାଇ ଜିଉନ୍ତିଆ।


**ମେଷ:** ଲୋକ ସମ୍ପର୍କ ବୃଦ୍ଧି ପାଇବ। କଷ୍ଟ କାର୍ଯ୍ୟରେ ସଫଳତା ମିଳିବ। ଆୟ ଓ ବ୍ୟୟ ସମାନ ରହିବ। ଗୃହରେ ସୁଖ ଶାନ୍ତି ବଜାୟ ରହିବ। ଦେବ ଦର୍ଶନ ସାଙ୍ଗକୁ ସେବା ପୂଜାରେ ମନ ଦେବେ।


**ବୃଷ:** ପାରିବାରିକ ସୁଖ ହାନି ଘଟିବ। ଦେହ ଅସୁସ୍ଥ ରହିବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ଠକାମିର ଶିକାର ହୋଇପାରନ୍ତି। ଅଯଥା ଭ୍ରମଣ ଯୋଗ ରହିଛି।


**ମିଥୁନ:** ଆଜି ଆପଣଙ୍କର ମନ ପ୍ରଫୁଲ୍ଲ ରହିବ। ଦିନଟି ଆନନ୍ଦ ଉତ୍ସବରେ କଟିବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ। ଶତ୍ରୁମାନେ ପରାଜିତ ହେବେ। ଶୁଭ ଖବର ମିଳିପାରେ। ଗୃହେ ଆନନ୍ଦ ରହିବ।


**କର୍କଟ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ମହିଳାମାନେ ଗୃହ କାର୍ଯ୍ୟରେ ମନ ଦେବେ। ଶରୀର ସୁସ୍ଥ ରହିବ।


**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶ ଲୋଡ଼ି କାର୍ଯ୍ୟ କରିବେ। ଭ୍ରମଣ ଯୋଗ ମଧ୍ୟ ରହିଛି। ପିଲାମାନେ ପାଠପଢ଼ାରେ ମନ ଦେବେ। ରୋଜଗାର ମଧ୍ୟମ ଧରଣର ହେବ। ମାଲିମୋକଦ୍ଦମାରେ ସଫଳତା ମିଳିବ।


**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହେବ। ଏଣୁ ସଦାସର୍ବଦା ଚିନ୍ତା ଲାଗି ରହିବ। ଆର୍ଥିକ ସ୍ଥିତି ମାନ୍ଦା ରହିବ। କୌଣସି କାମରେ ମନ ଲାଗିବ ନାହିଁ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।


**ତୁଳା:** ଧୈର୍ଯ୍ୟର ପରିମାଣ ବଢ଼ଇବ। ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ଦ୍ରବ୍ୟ ହାନୀ ଘଟିବ। ଗୃହରେ କଳହ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଶତ୍ରୁଙ୍କ ହେତୁ ସମସ୍ୟା ଦେଖାଦେବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ।


**ବିଛା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ। ମନ ପ୍ରଫୁଲ୍ଲ ରହିବ। ଶତ୍ରୁମାନେ ପରାସ୍ତ ହେବେ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। ପାରିବାରିକ ସହଯୋଗ ମିଳିବ। ମହିଳାମାନେ ସୁଖୀ ହେବେ ।


**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ମହିଳାମାନେ ସୁଖୀ ହେବେ। ରୋଜଗାରରେ ଉନ୍ନତି ହେବ। ପାରିବାରିକ ସୁଖ ଶାନ୍ତି ଲାଭ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।


**ମକର:** ଚାକିରୀ କ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଦେହ ଓ ମନ ଭଲ ରହିବ। ଅଯଥା ବ୍ୟୟର ପରିମାଣ ବଢ଼ିବ। ପିଲାମାନେ ପଢ଼ାପଢ଼ିରେ ମାନ୍ଦା ହେବେ। ଘରେ ପ୍ରତିରୋଧର ଶିକାର ହେବେ।


**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟରେ ଉନ୍ନତି ହେବ। ପାରିବାରିକ କଳହ ସୃଷ୍ଟି ହେବ।


**ମୀନ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ। ଦୂରଯାତ୍ରାରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଗୃହେ ସୁ ଶାନ୍ତି ଅବ୍ୟାହତ ରହିବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୧୯।୧୦।୨୦୨୬, କାର୍ତ୍ତିକ ଦ୩ନ, ସୋମବାର**
**ସୂର୍ଯ୍ୟୋଦୟ- ଘ ୫।୪୩।୩୫ ଚନ୍ଦ୍ରୋଦୟ- ଦିଘ୧୨।୫୩।୫୯**
ଅଷ୍ଟମୀ ଦିଘ ୧୦।୫୪ ପର୍ଯ୍ୟନ୍ତ। ଉତ୍ତରାଷାଢ଼ା ନକ୍ଷତ୍ର ଦିଘ ୩।୪୦ ପର୍ଯ୍ୟନ୍ତ। ମକର ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧୦।୫୪ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୮ ଗତେ ଦିଘ ୭।୧୪ ମଧ୍ୟେ। ଦିଘ ୮।୫୧ ଗତେ ଦିଘ ୧୧।୧୦ ମଧ୍ୟେ। **ପର୍ବୋତ୍ସବ-** ପୀଠେ ଶ୍ରୀ ଦୁର୍ଗା ଦେବ୍ୟାଃ ମହାନବମୀ, ମୃଣ୍ମୟୀ ଦେବୀଙ୍କର ଅଷ୍ଟମୀ ପୂଜା।

# ଦିଲ୍ଲୀ କ୍ୟାପିଟାଲ୍ସକୁ ମିଳିଲା ନୂଆ କୋଚ୍

**ନୂଆଦିଲ୍ଲୀ**

ଶ୍ରୀଲଙ୍କାର କିମ୍ବଦନ୍ତୀ ବୋଲର ଚାମିନ୍ଦା ଭାସଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ କୋଚ ଭାବରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ଦିଲ୍ଲୀ ଫ୍ରାଞ୍ଚାଇଜ ସୌରଭ ଗାଙ୍ଗୁଲିଙ୍କୁ ମୁଖ୍ୟ କୋଚ ଏବଂ ଯୁବରାଜ ସିଂହଙ୍କୁ ବ୍ୟାଟିଂ କୋଚ ଭାବରେ ନିଯୁକ୍ତ କରିସାରିଥିଲା। ୨୦୨୭ ଆଇପିଏଲ ସିଜିନ ପୂର୍ବରୁ, ଦିଲ୍ଲୀ କ୍ୟାପିଟାଲ୍ସ ନିଜର ପୂର୍ବତନ କୋଚିଂ ଟିମରୁ ବିଦାୟ ଦେଇଥିଲା ଏବଂ ଏହା ପରେ ତିନିଜଣ ପ୍ରସିଦ୍ଧ ପୂର୍ବତନ ଖେଳାଳିଙ୍କୁ କୋଚିଂ ଦଳରେ ସାମିଲ କରିଛି। ଜଣେ ଖେଳାଳି ଭାବରେ, ଚାମିନ୍ଦା ଭାସ ଆଇପିଏଲରେ ତିନିଟି ସିଜିନ ଖେଳିଥିଲେ। ସେ ୨୦୦୮ ରୁ ୨୦୧୦ ପର୍ଯ୍ୟନ୍ତ ଡେକାନ ଚାର୍ଜର୍ସ ପାଇଁ ଖେଳିଥିଲେ ଏବଂ ୧୩ଟି ମ୍ୟାଚରେ ୧୮ଟି ୱିକେଟ ନେଇଥିଲେ। କୋଚିଂ ଅଭିଜ୍ଞତା ବିଷୟରେ କହିଲେ, ଭାସ ପୂର୍ବରୁ ଅନେକ ଥର ଶ୍ରୀଲଙ୍କା ପୁରୁଷ ଜାତୀୟ କ୍ରିକେଟ ଦଳ ସହ କାମ କରିସାରିଛନ୍ତି। ଏହା ବ୍ୟତୀତ, ସେ ନ୍ୟୁଜିଲ୍ୟାଣ୍ଡ ଏବଂ ଆୟର୍ଲ୍ୟାଣ୍ଡ ଜାତୀୟ ଦଳ ପାଇଁ ପରାମର୍ଶଦାତା ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

ଚାମିନ୍ଦା କୋଚିଂ କ୍ଷେତ୍ରରେ ନୂଆ ନୁହନ୍ତି, ଜାତୀୟ ଦଳଗୁଡ଼ିକ ସହ କାମ କରିବା ବ୍ୟତୀତ, ସେ ବିଭିନ୍ନ ଫ୍ରାଞ୍ଚାଇଜ ଦଳ ସହ ମଧ୍ୟ କାର୍ଯ୍ୟ କରିଛନ୍ତି। ଫଳରେ, ଶ୍ରୀଲଙ୍କାର ଏହି କିମ୍ବଦନ୍ତୀ ଦ୍ରୁତ ବୋଲରଙ୍କ ଅଭିଜ୍ଞତାରୁ ଦିଲ୍ଲୀ କ୍ୟାପିଟାଲ୍ସର ବୋଲରମାନେ ବହୁତ ଲାଭବାନ ହେବେ।

ଅଭିଜ୍ଞ ସ୍ପିନ ବୋଲର ଅମିତ ମିଶ୍ର ୨୦୨୭ ଆଇପିଏଲ ସିଜିନ ପାଇଁ କୋଚିଂ ଟିମରେ ଯୋଗ ଦେଇପାରନ୍ତି। ରିପୋର୍ଟ ଅନୁଯାୟୀ, ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସ୍ପିନ ବୋଲିଂ କୋଚ ଭାବରେ କାର୍ଯ୍ୟ କରିବାକୁ ଯାଉଛନ୍ତି। ଅଗଷ୍ଟରେ, ଦିଲ୍ଲୀ ଫ୍ରାଞ୍ଚାଇଜ ବେଙ୍ଗାଲୁରୁରେ ଟ୍ରାଏଲ (ଖେଳାଳି ଚୟନ ପ୍ରକ୍ରିୟା) ଆୟୋଜନ କରିଥିଲା, ଯେଉଁଥିରେ ସୌରଭ ଗାଙ୍ଗୁଲି, ଯୁବରାଜ ସିଂହ ଏବଂ ଅମିତ ମିଶ୍ର ଉପସ୍ଥିତ ଥିଲେ। ଏହାର ଏକ ମାସ ପରେ, ସେପ୍ଟେମ୍ବର ମାସରେ ଆଉ ଏକ ଟ୍ରାଏଲ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅମିତ ମିଶ୍ର, ଚାମିନ୍ଦା ଭାସ ଏବଂ ଯୁବରାଜ ସିଂହ ଅଂଶଗ୍ରହଣ କରିଥିଲେ।

ଶ୍ରୀଲଙ୍କା ପାଇଁ ୭୬୧ ୱିକେଟ ନେଇଥିବା ବାମହାତୀ ଦ୍ରୁତ ବୋଲର ଚାମିନ୍ଦା ଭାସ, ଆନ୍ତର୍ଜାତୀୟ କ୍ରିକେଟରେ ସେହି ଦେଶ ପାଇଁ ଦ୍ୱିତୀୟ ସର୍ବାଧିକ ୱିକେଟ ନେଇଥିବା ବୋଲର ଅଟନ୍ତି। ସେ ବର୍ତ୍ତମାନ ୧୬ ବର୍ଷ ପରେ ଆଇପିଏଲକୁ ଫେରୁଛନ୍ତି। ଭାସ ୨୦୦୯ ମସିହାରେ ଆଇପିଏଲ ଟାଇଟଲ ଜିତିଥିବା 'ଡେକାନ ଚାର୍ଜର୍ସ' ଦଳର ଅଂଶ ଥିଲେ, ନିଜର ସମ୍ପୂର୍ଣ୍ଣ ଆଇପିଏଲ କ୍ୟାରିୟରରେ ସେ କେବଳ ଡେକାନ ଚାର୍ଜର୍ସ ପାଇଁ ଖେଳିଥିଲେ ଏବଂ ୧୩ଟି ମ୍ୟାଚରେ ୧୮ଟି ୱିକେଟ ନେଇଥିଲେ।

# ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ୫ ଖେଳାଳିଙ୍କ ଖର୍ଚ୍ଚ ବହନ କରିବେ ଶୁବମନ ଗିଲ୍

**ନୂଆଦିଲ୍ଲୀ**

ଭାରତର ଦିନିକିଆ ଏବଂ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍, ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ଏପରି କିଛି କରିବାକୁ ଯାଉଛନ୍ତି ଯାହା ବୋଧହୁଏ ପୂର୍ବରୁ ଅନ୍ୟ କୌଣସି ଭାରତୀୟ ଅଧିନାୟକ କରିନାହାନ୍ତି, ସେ ନିଜ ଖର୍ଚ୍ଚରେ ପାଞ୍ଚ ଜଣ ଖେଳାଳିଙ୍କ ଯାତ୍ରା ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବେ। ଏଥିପାଇଁ ସେ ବିସିସିଆଇ ଠାରୁ କୌଣସି ସହାୟତା ଲୋଡ଼ିବେ ନାହିଁ।

ନ୍ୟୁଜିଲ୍ୟାଣ୍ଡ ଗସ୍ତ ସମୟରେ ଭାରତ ପାଞ୍ଚ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଏବଂ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଉଭୟ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇସାରିଛି। ଗିଲ୍ ପ୍ରଥମ ତିନୋଟି ଦିନିକିଆ ମ୍ୟାଚ ଖେଳିବେ ଏବଂ ତା'ପରେ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ଚାଲିଯିବେ। ତାଙ୍କ ଅନୁପସ୍ଥିତିରେ ଶ୍ରେୟସ ଆୟର ଦଳର ନେତୃତ୍ୱ ନେବେ।



ବାସ୍ତବରେ, ଗିଲ୍ ନ୍ୟୁଜିଲ୍ୟାଣ୍ଡ ଗସ୍ତରେ ନିଜ ସହିତ ଚାରିରୁ ପାଞ୍ଚ ଜଣ 'ନେଟ ବୋଲର' (ଅଭ୍ୟାସ ପାଇଁ ବୋଲର) ନେଇଯିବେ ଏବଂ ସେମାନଙ୍କର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରିବେ। ଏହି ସୂଚନା ସମ୍ବାଦ ସଂସ୍ଥା 'ପିଟିଆଇ' ଦ୍ୱାରା ପ୍ରଦାନ କରାଯାଇଛି। ଯଦିଓ ବିସିସିଆଇ ମଧ୍ୟ ଦଳ ସହିତ ନେଟ ବୋଲର ପଠାଇବାକୁ ନିଷ୍ପତ୍ତି ନେଇଛି, ତଥାପି ଗିଲ୍ ଏକ ପାଦ ଆଗକୁ ଯାଇ ନିଜ ପାଇଁ ଏକ ସ୍ୱତନ୍ତ୍ର ଦଳର ନେଟ ବୋଲରଙ୍କୁ ସାଙ୍ଗରେ ନେବାକୁ ସ୍ଥିର କରିଛନ୍ତି। ଭାରତୀୟ କ୍ରିକେଟ ଇତିହାସରେ ଏହା ପ୍ରଥମ ଘଟଣା, ଯେଉଁଠାରେ ଜଣେ ଭାରତୀୟ କ୍ରିକେଟର ନିଜ ସହିତ ନେଟ ବୋଲର ନେଇଯାଉଛନ୍ତି ଏବଂ ସେମାନଙ୍କର ଖର୍ଚ୍ଚ ନିଜେ ବହନ କରୁଛନ୍ତି।

ପିଟିଆଇ ସହ କଥାବାର୍ତ୍ତା ବେଳେ ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, 'ଏହା ବେଶ ଆକର୍ଷଣୀୟ ବିଷୟ। ଗିଲ୍ 'ଇଣ୍ଡିଆ-ଏ' ଦଳ ସହ ଟେଷ୍ଟ ମ୍ୟାଚ ଖେଳିବେ ନାହିଁ, କାରଣ ସେ ଦିନିକିଆ ସିରିଜରେ ଅଂଶଗ୍ରହଣ କରିବେ। ସେ ଅକ୍ଟୋବର ୨୩-୨୪ରେ ନ୍ୟୁଜିଲ୍ୟାଣ୍ଡ ଅଭିମୁଖେ ଯାତ୍ରା କରିବେ। ତାଙ୍କ ସହିତ ଚାରିରୁ ପାଞ୍ଚ ଜଣ ବୋଲର ରହିବେ, ଯେଉଁମାନଙ୍କର ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରିବେ।'

ଏଥିରୁ ଜଣାପଡ଼େ ଯେ ଗିଲ ନ୍ୟୁଜିଲ୍ୟାଣ୍ଡ ଗସ୍ତକୁ ନେଇ କେତେ ଗମ୍ଭୀର ଏବଂ ସେ ନିଜ ପକ୍ଷରୁ କୌଣସି ଚେଷ୍ଟା ବାକି ରଖିବାକୁ ଚାହୁଁନାହାନ୍ତି। ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ବିଶ୍ୱକପ ଦୃଷ୍ଟିରୁ ଏହି ଦିନିକିଆ ସିରିଜ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ, ଭାରତୀୟ ଦଳ ଦୀର୍ଘ ଦିନ ଧରି ନ୍ୟୁଜିଲ୍ୟାଣ୍ଡରେ କୌଣସି ଟେଷ୍ଟ ସିରିଜ ଜିତିପାରିନାହିଁ। ଇଂଲଣ୍ଡରେ ୭୫୪ ରନ ସଂଗ୍ରହ କରି ଗିଲ ନିଜର ବ୍ୟାଟିଂ ଦକ୍ଷତା ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସେ ନ୍ୟୁଜିଲ୍ୟାଣ୍ଡରେ ମଧ୍ୟ ସମାନ ପ୍ରଦର୍ଶନ ଦୋହରାଇ ନିଜ ଦଳକୁ ବିଜୟୀ କରାଇବାକୁ ଲକ୍ଷ୍ୟ ରଖିଛନ୍ତି।

## ଟିମ ଇଣ୍ଡିଆ ପ୍ରଶଂସକଙ୍କୁ ଶକ୍ତ ଝଟକା

# ଭାରତୀୟ ଦଳରୁ ବାଦ୍ ପଡିଲେ ଭୁବନେଶ୍ୱର କୁମାର, ଅଧିନାୟକ ମଧ୍ୟ ବଦଳିଲେ

**ନୂଆଦିଲ୍ଲୀ**

ଭୁବନେଶ୍ୱର କୁମାର ବର୍ତ୍ତମାନ ଭାରତୀୟ ଦଳର ଅଂଶ ନୁହଁନ୍ତି। ଅକ୍ଟୋବର ୩୦ରୁ 'ହଂକଂ ସିକ୍ସେସ' ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି ଏବଂ ପ୍ରାରମ୍ଭିକ ଯୋଜନା ଅନୁଯାୟୀ ଭୁବନେଶ୍ୱର ଭାରତୀୟ ଦଳର ନେତୃତ୍ୱ ନେବାର ଥିଲା। ତେବେ, ନ୍ୟୁଜିଲ୍ୟାଣ୍ଡ ଗସ୍ତ ପାଇଁ ଟି-୨୦ ଦଳରେ ଚୟନ ହୋଇଥିବାରୁ, ସେ 'ହଂକଂ ସିକ୍ସେସ'ରେ ଅଂଶଗ୍ରହଣ କରିପାରିବେ ନାହିଁ। କୁନାଲ ପାଣ୍ଡ୍ୟାଙ୍କୁ ନୂତନ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି ଏବଂ ଭୁବନେଶ୍ୱରଙ୍କ ସ୍ଥାନରେ କୁଲୱନ୍ତ ଖେଜରୋଲିୟାଙ୍କୁ ଦଳରେ ସାମିଲ କରାଯାଇଛି।

୩୪ ବର୍ଷୀୟ କୁଲୱନ୍ତ ଖେଜରୋଲିୟା ଜଣେ ବାମହାତୀ ଦ୍ରୁତ ବୋଲର, ଯିଏ ଆଇପିଏଲରେ ଗୁଜୁରାଟ ଟାଇଟନ୍ସ ପାଇଁ ଖେଳନ୍ତି। ସେ ସାତ ଜଣିଆ ଭାରତୀୟ ଦଳରେ ଭୁବନେଶ୍ୱର କୁମାରଙ୍କ ସ୍ଥାନ ନେଇଛନ୍ତି। ଅଧିନାୟକ କୁନାଲ ପାଣ୍ଡ୍ୟାଙ୍କ ବ୍ୟତୀତ, ଏହି ଦଳରେ ଶଶାଙ୍କ ସିଂହ, ନୀତୀଶ ରାଣା, ରାହୁଲ ତେୱାତିଆ, ରାହୁଲ ତ୍ରିପାଠୀ, ଟି. ନଟରାଜନ ଏବଂ ବର୍ତ୍ତମାନ କୁଲୱନ୍ତ ଖେଜରୋଲିୟା ଅନ୍ତର୍ଭୁକ୍ତ ଅଛନ୍ତି।

# ୪୮ ବର୍ଷୀୟ କ୍ରିକେଟର ହେବେ ଟିମ ଇଣ୍ଡିଆର ନୂଆ ଚିଫ୍ ସିଲେକ୍ଟର

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ପରବର୍ତ୍ତୀ ମୁଖ୍ୟ ଚୟନକର୍ତ୍ତା (ଚିଫ ସିଲେକ୍ଟର) କିଏ ହେବେ? ବର୍ତ୍ତମାନ ଏହା ସବୁଠାରୁ ବଡ଼ ପ୍ରଶ୍ନ ହୋଇ ରହିଛି। ପ୍ରଜ୍ଞାନ ଓଝା ବର୍ତ୍ତମାନ ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ଭାବରେ କାର୍ଯ୍ୟ କରୁଛନ୍ତି, କିନ୍ତୁ ନୂତନ ମୁଖ୍ୟ ଚୟନକର୍ତ୍ତା ହେବା ପାଇଁ ଚାଲିଥିବା ପ୍ରତିଯୋଗିତା ବେଶ ଆକର୍ଷଣୀୟ ହୋଇଉଠିଛି। ଅଭିଜ୍ଞ ଖେଳାଳି ୱାସିମ ଜାଫର, ବିସିସିଆଇ ଦ୍ୱାରା ଘୋଷିତ ଏହି ଖାଲି ପଦବୀ ପାଇଁ ଆବେଦନ କରିଛନ୍ତି ଯାହାକୁ ସେ ନିଜେ ନିଶ୍ଚିତ କରିଛନ୍ତି।



୪୮ ବର୍ଷୀୟ ୱାସିମ ଜାଫର ନିଶ୍ଚିତ କରିଛନ୍ତି ଯେ ସେ ମୁଖ୍ୟ ଚୟନକର୍ତ୍ତା ପଦ ପାଇଁ ଆବେଦନ କରିଛନ୍ତି। ଯଦି କ୍ରିକେଟ ପରାମର୍ଶଦାତା କମିଟି ତାଙ୍କୁ ଚୟନ କରେ, ତେବେ ସେ ଭାରତୀୟ ଦଳର ନୂତନ ମୁଖ୍ୟ ଚୟନକର୍ତ୍ତା ହେବେ। କାରଣ ପ୍ରାର୍ଥୀମାନଙ୍କ ମଧ୍ୟରେ ଟେଷ୍ଟ ମ୍ୟାଚ ଖେଳିବାର ସର୍ବାଧିକ ଅଭିଜ୍ଞତା ତାଙ୍କ ପାଖରେ ରହିଛି। ଜାଫର ୩୧ଟି ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ପ୍ରଜ୍ଞାନ ଓଝା ୨୪ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ଦଳ ପାଇଁ ଚୟନକର୍ତ୍ତାମାନଙ୍କୁ ବାଛିବା ଦାୟିତ୍ୱ 'କ୍ରିକେଟ ପରାମର୍ଶଦାତା କମିଟି' ଉପରେ ନ୍ୟସ୍ତ ରହିଛି।

ଚୟନ କମିଟିରେ ଟେଷ୍ଟ ମ୍ୟାଚ ଖେଳିବାର ସର୍ବାଧିକ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ମୁଖ୍ୟ ଚୟନକର୍ତ୍ତା ଭାବରେ ନିଯୁକ୍ତ କରାଯାଏ। ପ୍ରାରମ୍ଭରେ, ଏହି ପଦବୀ ପାଇଁ ପାର୍ଥିବ ପଟେଲଙ୍କ ନାମ ବିଚାରକୁ ନିଆଯାଉଥିଲା, କିନ୍ତୁ ଖବର ଅନୁଯାୟୀ, ସେ ଏହି ପଦ ପାଇଁ ଆବେଦନ ମଧ୍ୟ କରିନଥିଲେ।

ବର୍ତ୍ତମାନ, ପ୍ରଜ୍ଞାନ ଓଝା ଯାହାଙ୍କ ପାଖରେ ୨୪ଟି ଟେଷ୍ଟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛିସେ ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ଭାବରେ କାର୍ଯ୍ୟ କରୁଛନ୍ତି। ତେବେ, ଯଦି ୱାସିମ ଜାଫର ଚୟନ କମିଟିରେ ଯୋଗ ଦିଅନ୍ତି, ତେବେ ସେ ନୂତନ ମୁଖ୍ୟ ଚୟନକର୍ତ୍ତା ହେବେ, କାରଣ ତାଙ୍କ ପାଖରେ ୩୧ଟି ଟେଷ୍ଟ ମ୍ୟାଚ ଖେଳିବାର ଅଭିଜ୍ଞତା ରହିଛି। ଖବର ଅନୁଯାୟୀ, ଓଝାଙ୍କୁ ବିସିସିଆଇର ଶୀର୍ଷ ଅଧିକାରୀମାନଙ୍କର ବ୍ୟାପକ ସମର୍ଥନ ରହିଛି, ଯାହାର ଅର୍ଥ ହୋଇପାରେ ଯେ ସେ ମୁଖ୍ୟ ଚୟନକର୍ତ୍ତା ଭାବରେ ରହିପାରନ୍ତି। ଓଝାଙ୍କୁ ମିଳୁଥିବା ଏହି ସମର୍ଥନ କମିଟିର ପଞ୍ଚମ ସଦସ୍ୟ ଚୟନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପକାଇପାରେ।

ପୂର୍ବତନ ସ୍ପିନର ରମେଶ ପାୱାର ଯିଏ କେବଳ ଦୁଇଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି। ସେ ଚୟନ କମିଟିରେ ଏକ ସ୍ଥାନ ପାଇବା ପାଇଁ ଜଣେ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେ ପଶ୍ଚିମ ଜୋନର ଅଟନ୍ତି ଏବଂ ବର୍ତ୍ତମାନ କମିଟିରେ ପଶ୍ଚିମ ଜୋନ ପାଇଁ ଉଦ୍ଦିଷ୍ଟ ଏକ ପଦ ଖାଲି ପଡ଼ିଛି। ଯଦି ତାଙ୍କୁ ନିଯୁକ୍ତ କରାଯାଏ, ତେବେ ପ୍ରଜ୍ଞାନ ମୁଖ୍ୟ ଚୟନକର୍ତ୍ତା ପଦରେ ରହିବେ। ଆବେଦନଗୁଡ଼ିକ ଗ୍ରହଣ କରାଯିବା ପରେ, କ୍ରିକେଟ ପରାମର୍ଶଦାତା କମିଟି ସେଗୁଡ଼ିକର ମୂଲ୍ୟାଙ୍କନ କରିବ ଏବଂ ବିସିସିଆଇର ପସନ୍ଦକୁ ବିଚାରକୁ ନେବ। ଏହା ପରେ ଚୟନ କମିଟିରେ ଚୂଡ଼ାନ୍ତ ନିଯୁକ୍ତି ସ୍ଥିର କରାଯିବ।

## ମାତ୍ର ୩୦ ବର୍ଷ ବୟସରେ କ୍ରିକେଟ୍‌କୁ ଅଲବିଦା କହିଲେ ବ୍ରାଡ ହ୍ୱିଲ

**ନୂଆଦିଲ୍ଲୀ**

କ୍ରିକେଟ ଜଗତରୁ ଆସିଛି ଏକ ବଡ଼ ଖବର। ମାତ୍ର ୩୦ ବର୍ଷ ବୟସରେ ପେସାଦାର କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି ସ୍କଟଲାଣ୍ଡର ଦ୍ରୁତ ବୋଲର ବ୍ରାଡ ହ୍ୱିଲ। ୪ଟି ଟି-୨୦ ବିଶ୍ୱକପ୍‌ରେ ସ୍କଟଲାଣ୍ଡ ଦଳର ପ୍ରତିନିଧିତ୍ୱ କରିଥିବା ଏହି ବୋଲର କ୍ରିକେଟ୍‌ରୁ ଅବସର ନେଇଛନ୍ତି। ବାରମ୍ବାର ଆଘାତ ସମସ୍ୟା ଯୋଗୁ ସେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ଦକ୍ଷିଣ ଆଫ୍ରିକାରେ ଜନ୍ମଗ୍ରହଣ କରିଥିବା ବ୍ରାଡ ହ୍ୱିଲ ୨୦୧୬ ମସିହାରେ ହଂକଂ ବିପକ୍ଷରେ ଖେଳି ସ୍କଟଲାଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ସେ ଦିନିକିଆ ଓ ଟି-୨୦ ଉଭୟ ଫର୍ମାଟ୍‌ରେ ସ୍କଟଲାଣ୍ଡ ପାଇଁ ଖେଳିଛନ୍ତି। ୨୦୨୬ ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ସେ ସ୍କଟଲାଣ୍ଡ ଦଳର ସଦସ୍ୟ ଥିଲେ।

କିନ୍ତୁ ଲଗାତାର ଆଘାତ ସମସ୍ୟା ତାଙ୍କ କ୍ରିକେଟ କ୍ୟାରିୟରରେ ବାଧା ସୃଷ୍ଟି କରିଥିଲା। ତାଙ୍କ ପିଠିରେ ଚାରିଥର ଷ୍ଟ୍ରେସ ଫ୍ରାକଚର ହୋଇଥିବା ବେଳେ ନିକଟରେ ଆଣ୍ଠୁ ଅସ୍ତ୍ରୋପଚାର ମଧ୍ୟ ହୋଇଥିଲା। ଏହି ସମସ୍ୟା ଯୋଗୁ ଦ୍ରୁତ ବୋଲିଂ ଜାରି ରଖିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ନିଜ ଅବସର ସମ୍ପର୍କରେ ବ୍ରାଡ କହିଛନ୍ତି, ହାମ୍ପଶାୟରର ପାଇଁ ଖେଳିବା ଏବଂ ପେସାଦାର କ୍ରିକେଟର ଭାବେ ସ୍କଟଲାଣ୍ଡର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଥିଲା।

ବାରମ୍ବାର ଆଘାତ ଲାଗିବା କାରଣରୁ ତାଙ୍କୁ ଏହି କଠିନ ନିଷ୍ପତ୍ତି ନେବାକୁ ପଡ଼ିଥିବା ସେ କହିଛନ୍ତି। ତାଙ୍କ ମତରେ, ଦ୍ରୁତ ବୋଲିଂର ଶାରୀରିକ ଚାପକୁ ତାଙ୍କ ଶରୀର ଆଉ ସହ୍ୟ କରିପାରୁନାହିଁ।

# ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିଲେ ମାହେଲା ଜୟବର୍ଦ୍ଧନେ

**ମୁମ୍ବାଇ**

ଶ୍ରୀଲଙ୍କାର କିମ୍ବଦନ୍ତୀ ମାହେଲା ଜୟବର୍ଦ୍ଧନେ ପାଞ୍ଚ ଥରର ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଦଳର ମୁଖ୍ୟ କୋଚ୍ ପଦରୁ ଶନିବାର ଓହରି ଯାଇଛନ୍ତି। ମୁଖ୍ୟ କୋଚ୍ ଭାବେ ପ୍ରଥମ କାର୍ଯ୍ୟକାଳରେ ଏମ୍‌ଆଇକୁ ୩ ଟାଇଟଲ ଜିତାଇଥିବା ୪୯ ବର୍ଷୀୟ ଜୟବର୍ଦ୍ଧନେଙ୍କ ଦ୍ୱିତୀୟ କାର୍ଯ୍ୟକାଳ ମାତ୍ର ୨ ବର୍ଷରେ ଶେଷ ହୋଇଛି। ସେ ପୂର୍ବରୁ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଏମ୍‌ଆଇର କୋଚ୍ ଥିଲେ।

ଦୀର୍ଘ ବର୍ଷ ଧରି ଏମ୍‌ଆଇ ପ୍ରତି ମାହେଲାଙ୍କର ଉଲ୍ଲେଖନୀୟ



ଯୋଗଦାନ ରହିଛି। ତାଙ୍କର ଶାନ୍ତ ନେତୃତ୍ୱ ଏବଂ କ୍ରିକେଟ ପ୍ରତି ତାଙ୍କର ସଚ୍ଚୋଟତା ଓ ଗଭୀର ଭଲପାଇବା ଆମ ପାଇଁ ଅନେକ କିଛି। ତାଙ୍କର ଯୋଗଦାନ ଓ ପ୍ରତିବଦ୍ଧତା ଲାଗି ପୂରା ଏମ୍‌ଆଇ ପରିବାର ପକ୍ଷରୁ ମୁଁ ମାହେଲାଙ୍କୁ ଧନ୍ୟବାଦ୍ ଦେଉଛି' ବୋଲି ଏମ୍‌ଆଇ ମାଲିକିଆଣି ନୀତା ଅମ୍ବାନି କହିଛନ୍ତି।

ଜୟବର୍ଦ୍ଧନେଙ୍କ ପ୍ରଥମ କାର୍ଯ୍ୟକାଳରେ ମୁମ୍ବାଇ ୨୦୧୭, ୨୦୧୯ ଓ ୨୦୨୦ରେ ଆଇପିଏଲ ଚାମ୍ପିୟନ ହୋଇଥିଲା। ୨୦୨୫ରେ ସେ ମାର୍କ ବାଉଚରଙ୍କ ପରେ ଦାୟିତ୍ୱ ନେଇଥିଲେ। ସେହି ବର୍ଷ ମୁମ୍ବାଇ କ୍ୱାଲିଫାୟର-୨ରେ ପରାଜିତ ହେବା ପରେ ଆଇପିଏଲ୍‌ରେ ଚତୁର୍ଥ ସ୍ଥାନରେ ରହିଥିଲା। ଆସନ୍ତା ନଭେମ୍ବର ୧୫ ତାରିଖ ଆଇପିଏଲ୍ ରିଟେନଶନ ଲାଗି ଶେଷ ଦିନ ଥିବାରୁ ମୁମ୍ବାଇ ପାଖରେ ନୂଆ ମୁଖ୍ୟ କୋଚ୍ ଖୋଜିବା ପାଇଁ ଏବେ ୧ ମାସରୁ କମ୍ ସମୟ ରହିଛି। ଅକ୍ସନ ଗୋଆଠାରେ ଡିସେମ୍ବର ମଧ୍ୟାନ୍ତର ହେବ ବୋଲି ଆଶା କରାଯାଉଛି।

# ଜାରକାରେ ଶାରଦୀୟ ଦୁର୍ଗାପୂଜା ମହୋତ୍ସବ

**ଧର୍ମଶାଳା**
**ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ମହୋତ୍ସବ କମିଟି ଆନୁକୂଲ୍ୟରେ ଜାରକା ଠାରେ ରଙ୍ଗାରଙ୍ଗ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ଆୟୋଜିତ ଶୁଭ ଉଦଘାଟନ ଉତ୍ସବରେ ଅତିଥି ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁ, କଟକସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ ଯୋଗ ଦେଇଥିଲେ। କମିଟିର ସଂଯୋଜକ ଦେବରାଜ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ



କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ଉପାଧାକ୍ଷା ବିଶ୍ୱବିଜୟିନୀ ମିଶ୍ର, ୧୪ନଂ ଜିଲ୍ଲା ପରିଷଦସଭ୍ୟ ଜଳଧର ମହାନ୍ତି ଯୋଗ ଦେଇଥିଲେ। ସଭାପତି ରବି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନନ୍ୟା ଶ୍ରୀତମ ନନ୍ଦ ଓ ଦାଣ୍ଡିଆ ନୃତ୍ୟ ପରିବେଷଣ ହୋଇ ଥିଲା। ପ୍ରଥମ ଦିନରେ ବହୁଭକ୍ତ ଶ୍ରଦ୍ଧାଳୁ ଯୋଗଦେଇ ଭବ୍ୟ ଉତ୍ସବକୁ ଉପଭୋଗ କରିଥିଲେ। ୫ଦିନ ଧରି ଅନୁଷ୍ଠିତ ଏହି ପୂଜା କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର କାର୍ଯ୍ୟକ୍ରମ ରହିଛି।

## ଜିଲ୍ଲାସ୍ତରୀୟ ଉତ୍ସାହ ଓ ମହକ-୨୦୨୬ ଉଦ୍‌ଯାପିତ

# ପିଲାମାନଙ୍କ ଲୁକ୍କାୟିତ ପ୍ରତିଭା ସାମ୍ନାକୁ ଅଣାଯାଉ : ଜିଲ୍ଲାପାଳ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣିବା ଉଦ୍ଦେଶ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ 'ଉତ୍ସାହ ଓ ମହକ-୨୦୨୬' ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଚାଲିଥିବା ଏହି ଆୟୋଜନରେ କଟକ ଜିଲ୍ଲାର ୧୩ଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ଯୋଗଦେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଥିଲେ ଯେ, ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲାମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ଅଭିଭାବକ ଭାବେ କାର୍ଯ୍ୟ କରୁଛି। ପ୍ରତ୍ୟେକ ପିଲା ନିଜର ରୁଚି ଓ ଦକ୍ଷତାକୁ ଚିହ୍ନି ସେହି ଅନୁସାରେ ଆଗକୁ ବଢ଼ିବା ଉଚିତ। ସେମାନଙ୍କ ଭବିଷ୍ୟତ ଗଠନ ଓ ପ୍ରତିଭାର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ସମ୍ଭବ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। କୌଣସି ସମସ୍ୟା ଦେଖାଦେଲେ ନିର୍ଭୟରେ ପ୍ରଶାସନକୁ ଜଣାଇବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଠପଢ଼ା ସହ ଖେଳକୁଦ ଓ ସୃଜନଶୀଳତାକୁ ଗୁରୁତ୍ୱ ଦିଆଯାଇଥିଲା। ବକ୍ତୃତା, ପ୍ରବନ୍ଧ ଲିଖନ, ଫୁଟବଲ୍, କ୍ୟାରମ୍, ଲଙ୍ଗ ଜମ୍ପ ଓ ହାଇ ଜମ୍ପ ଭଳି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜିଲ୍ଲାସ୍ତରରେ ଉତ୍କର୍ଷ ପ୍ରଦର୍ଶନ କରି ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକ ଜିଲ୍ଲା ପକ୍ଷରୁ ଅଂଶଗ୍ରହଣ କରିବେ। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଡେପୁଟି କଲେକ୍ଟର ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶତରୂପା ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା 'ମହକ ଓ ଉତ୍ସାହ'ର ମୁଖ୍ୟ ଉଦ୍ଦେଶ୍ୟ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, କେନ୍ଦୁଝର ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ-୨୦୨୬' ଧରଣୀଧର ସ୍ପୋର୍ଟସ୍ କମ୍ପ୍ଲେକ୍ସ, ଶଙ୍କରପୁର ଷ୍ଟାଡିୟମ୍‌ଠାରେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, କ୍ରୀଡ଼ା ମନୋଭାବ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମହୋତ୍ସବର ପ୍ରଥମ ପର୍ଯ୍ୟାୟ 'ଉତ୍ସାହ'ରେ ଶିଶୁମାନଙ୍କ ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବାଳକ ଓ ବାଳିକା ବର୍ଗରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ଫଡିଆଁ ଓ ଉଚ୍ଚଡିଆଁ ସହିତ କ୍ୟାରମ୍ ଓ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ସହିତ ଉଭୟ ବାଳକ ଓ ବାଳିକା ବର୍ଗରେ ଫୁଟବଲ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକ ଶିଶୁମାନଙ୍କ ମଧ୍ୟରେ ଶାରୀରିକ ଦକ୍ଷତା, ଦଳଗତ ମନୋଭାବ ଓ ପ୍ରତିଯୋଗିତାମୂଳକ ଉତ୍ସାହ ବୃଦ୍ଧି କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ 'ମହକ'ରେ ଶିଶୁମାନଙ୍କ କଳା, ସାହିତ୍ୟ ଓ ସୃଜନଶୀଳ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଏକକ ସଙ୍ଗୀତ ଗାନ, ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଜୁନିୟର ଓ ସିନିୟର ବର୍ଗରେ ଆୟୋଜନ କରାଯାଇଥିଲା। ଏହା ସହିତ ଗ୍ରୁପ୍ ଡ୍ୟାନ୍ସ ଓ ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ମହୋତ୍ସବର ପ୍ରମୁଖ ଆକର୍ଷଣ ପାଲଟିଥିଲା। ଶିଶୁମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରି ଉତ୍ସବକୁ ଆନନ୍ଦମୟ ଓ ଉତ୍ସାହପୂର୍ଣ୍ଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରିଣୀ ଶ୍ରୀମତୀ ସସ୍ମିତା ନନ୍ଦିନୀ ତ୍ରିପାଠୀ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ବିଭୂତି ଭୂଷଣ ଦାଶ ଯୋଗଦେଇଥିଲେ। ଶ୍ରୀମତୀ ତ୍ରିପାଠୀ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କୁ ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିବା ପାଇଁ ଉତ୍ସାହିତ କରିଥିଲେ। ସେହିପରି ଶ୍ରୀ ଦାଶ ଶିଶୁମାନଙ୍କୁ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା, ଭବିଷ୍ୟତ ଗଠନ ପାଇଁ ନିଷ୍ଠାର ସହ ଉଦ୍ୟମ କରିବା ଏବଂ ନିଜ ପ୍ରତିଭାର ସଠିକ୍ ଉପଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରିୟଙ୍କା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବର ସମସ୍ତ ଆୟୋଜନ ଓ ପରିଚାଳନା ଦାୟିତ୍ୱ ଶ୍ରୀମତୀ ରଶ୍ମିରେଖା ସେନାପତି ତୁଲାଇଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଚାଇଲ୍ଡ ହେଲ୍ପଲାଇନ୍ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ସେବା ଓ ସଦର ପୋଲିସର କର୍ମଚାରୀଙ୍କ ସମେତ ସମସ୍ତ ସ୍ୱେଚ୍ଛାସେବୀ ଓ ସହଯୋଗୀଙ୍କୁ ଶ୍ରୀମତୀ ରଶ୍ମିରେଖା ସେନାପତି ଧନ୍ୟବାଦ ଜଣାଇବା ସହ ମହୋତ୍ସବର ସଫଳ ସମାପନ ଘୋଷଣା କରିଥିଲେ।

## ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାଙ୍କ ମତ

# ପ୍ରଫୁଲ୍ଲ ବୋଇତାଇ ଥିଲେ ଏକ ଅନୁଷ୍ଠାନ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ରୋଡ଼ ଅଞ୍ଚଳର ବିଶିଷ୍ଟ ସମାଜସେବୀ,ଅଜାତଶତ୍ରୁ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ବୋଇତାଇ ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଏକ ଅନୁଷ୍ଠାନ। ଚୋରଦା ଗ୍ରାମର ସ୍ୱର୍ଗତ ବୋଇତାଇ ବିଭିନ୍ନ ଧାର୍ମିକ, ଆଧ୍ୟାତ୍ମିକ, ସାମାଜିକ,ସାଂସ୍କୃତିକ ଏବଂ ଶିକ୍ଷା ସଙ୍ଗଠନର ଉଦ୍ୟୋକ୍ତା ଭାବେ ସେ ଯେଉଁ ପଦ ଚିହ୍ନ ଛାଡି ଯାଇଛନ୍ତି ତାହା ତାଙ୍କୁ ଚିରକାଳ ଅମର ରଖିବବୋଲି ବିଶିଷ୍ଟ ବକ୍ତାମାନେ ଶ୍ରଦ୍ଧାଞ୍ଜଳି ସଭାରେ ମତପୋଷଣ କରିଥିଲେ।ମଧୁସୂଦନ ନଗରର ଶିଶୁ ବିଦ୍ୟା ମନ୍ଦିରର ଅନ୍ୟତମ ପ୍ରତିଷ୍ଠାତା, ଶିକ୍ଷା ବିକାଶ ସମିତିର ସମ୍ପାଗର ସଙ୍କୁଳ ସଭାପତି,ଚୋରଦା ଗ୍ରାମ କମିଟିର ପୂର୍ବତନ ସଭାପତି , ରାଇସ ମିଲ ଦୁର୍ଗା ପୂଜା କମିଟିର ସଭାପତି, କାଳୀପୂଜା ଶାନ୍ତି କମିଟିର ଉପଦେଷ୍ଟା, ଜହ୍ନା ବଳଦେବଜୀଉ ଜୀଉ ଟ୍ରଷ୍ଟ ବୋର୍ଡର ପ୍ରଧାନ ଟ୍ରଷ୍ଟି,, କହ୍ନେଇପୁର ଶିବ ମନ୍ଦିର କମିଟି ର ସଭାପତି ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଚୋରଦା ଗ୍ରାମ କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ କାଳୀ ମେଳଣ ପଡ଼ିଆ ନିକଟ କ୍ରିଷ୍ଣା ଗାର୍ଡେନ ପରିସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସାଧାରଣ ସମ୍ପାଦକ ରବି ନାରାୟଣ ପୁହାଣ, ଗଦାଧର ମହାନ୍ତି ଗ୍ରାମ ବାସୀଙ୍କ ତରଫରୁ ଶୋକ ପ୍ରକଟ କରି ତାଙ୍କ ଗ୍ରାମ ଜଣେ ମୁରବୀଙ୍କୁ ହରାଇଲା ବୋଲି କହିଥିଲେ। ସାମ୍ବାଦିକ ପବିତ୍ର ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ନିରଞ୍ଜନ ପଟ୍ଟନାୟକ, ଶରତ ରାଉତ, ପ୍ରୀତି ରଞ୍ଜନ ଘଡ଼ାଇ, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ନରେନ୍ଦ୍ର ଜେନା, ଯାଜପୁର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାଷ ବଳ, ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ବନ୍ଦିତା ପରିଡା, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଜିଲା ବିଜେପି ମହିଳା ସଭାନେତ୍ରୀ ଦେବଯାନୀ ପ୍ରଧାନ,ଜିଲା ଟ୍ୟାକ୍ସ ବାର ସଭାପତି ବିବେକାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବୋଇତାଙ୍କ ସ୍ମୃତିଚାରଣ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଏହି ଅବସରରେ ବ୍ୟଙ୍ଗକବି ବାଇଧର ମାଝିଙ୍କ ପରିଚାଳନାରେ ଏକ ସ୍ମରଣିକା 'ସ୍ମୃତିରେ ପ୍ରଫୁଲ୍ଲ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ପ୍ରମୋଦ କୁମାର ବୋଇତାଇ, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ପ୍ରଶାନ୍ତ କୁମାର ବୋଇତାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପୁତ୍ର ଅଭିଳାଷ ବୋଇତାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ବାହାରେ ବନ୍ଧାପଡିଛି ଓଡିଆ ଶ୍ରମିକଙ୍କ ମୃତ ଦେହ

**ଖପ୍ରାଖୋଲ, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ପାଚେର ଗାଁ ର ଜଗତ ନାଗ (୨୬) ଙ୍କ ଚିକିତ୍ସାଧୀନ ଅବସ୍ଥାରେ କର୍ଣାଟକ ରାଜ୍ୟର ବାଙ୍ଗାଲୋର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ଯୁବକ ବାଙ୍ଗାଲୋରରେ ଏକ ହୋଟେଲ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ବେଳେ କୌଣସି କାରଣରୁ ଗୁରୁତର ହେବାରୁ କମ୍ପାନୀ କର୍ତ୍ତୃପକ୍ଷ ଓ ସହକର୍ମୀ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ପରେ ଚିକିତ୍ସା ଖର୍ଚ୍ଚ ବାବଦ ବାକିଆ ୧ ଲକ୍ଷ ୨୪ ଟଙ୍କା ଦେଇ ନ ଥିବାରୁ ମୃତ ଦେହକୁ ଡାକ୍ତରଖାନା କର୍ତ୍ତୃପକ୍ଷ ନ ଛାଡ଼ି ବନ୍ଧକ ରଖିଥିବା ପରିବାର ସୂତ୍ର ରୁ ଜଣାଯାଇଛି। ମୃତଦେହ ଘରକୁ ଫେରେଇ ଆଣିବାକୁ ପରିବାର ଲୋକ ପ୍ରସାଶନ କୁ ନିବେଦନ କରିଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ସୋସିଆଲ ମିଡିଆରେ ଦାବି କରିଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୮ ଅକ୍ଟୋବର, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ


ମଞ୍ଚେଶ୍ୱର ରେଲୱେ କଲୋନୀ


ପଳାଶୁଣି


ୟୁନିଟ୍-୬ ଦୁର୍ଗାପୂଜା ସମିତି


ବରମୁଣ୍ଡର ରୁଚିକା ମାର୍କେଟ


ଲକ୍ଷ୍ମୀସାଗର


ଷ୍ଟେସନ ବଜାର


କାଳିବାଡି ସମିତି


ଅଶୋକ ନଗର

## ପଞ୍ଚୁକ ପାଇଁ ଶ୍ରୀମନ୍ଦିରରେ ଜମିବ ଭିଡ଼

**ପୁରୀ, ୧୭/୧୦ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ କାର୍ତ୍ତିକ ବ୍ରତ ଓ ରାଇଦାମୋଦର ବ୍ରତ । କାର୍ତ୍ତିକ ବ୍ରତର ଶେଷ ପାଞ୍ଚଦିନ ପଞ୍ଚୁକ ବ୍ରତ କରୁଥିବା ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ନିମନ୍ତେ ଭିଡ଼ ଜମାଇବେ। ଏହି ଭିଡ଼ ନିୟନ୍ତ୍ରଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ଆଖଡ଼ା ମଠ ଠାରୁ ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଲମ୍ବା ଅସ୍ଥାୟୀ ଲୁହା ବ୍ୟାରିକେଡ୍ ଓ ସେଡ୍ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ଅସ୍ଥାୟୀ ସେଡ୍ ନିମନ୍ତେ ୨୧ ଲକ୍ଷ ୫୩ ହଜାରରୁ ଅଧିକ ଟଙ୍କା ବ୍ୟୟ ଅଟକଳ ହୋଇଛି । ସେହିପରି ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ ନିମନ୍ତେ ୧୭ ଲକ୍ଷ ୮୨ ହଜାର ଟଙ୍କାରୁ ଅଧିକ ଟଙ୍କା ବ୍ୟୟ ଅଟକଳ ହୋଇଛି । ଏଥିନିମନ୍ତେ ମୋଟ ପ୍ରାୟ ୩୮ ଲକ୍ଷରୁ ଅଧିକ ଖର୍ଚ୍ଚ ନିମନ୍ତେ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି । ଏବାବଦରେ ପୂର୍ବରୁ ଟେଣ୍ଡର ହେଉନଥିବା ଓ ଚଞ୍ଚକତା ହେଉଥିବା ବହୁ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ରକ୍ଷା ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଛି । ଶ୍ରୀମନ୍ଦିରରେ ପର୍ବପର୍ବାଣୀ ଓ ଭିଡ଼ ଦିନମାନଙ୍କରେ ସ୍ଥାୟୀ ବ୍ୟାରିକେଡ୍ ଓ ସେଡ୍ ନିର୍ମାଣ କରାଯାଉନି । ପ୍ରତିବର୍ଷ କୋଟି କୋଟି ଟଙ୍କା ଅସ୍ଥାୟୀ ବ୍ୟାରିକେଡ୍ ଓ ସେଡ୍ ନିର୍ମାଣରେ ଖର୍ଚ୍ଚ ହେଉଛି । ସେପଟେ ଏବାବଦରେ ପୁରୀ ଅଧୀକ୍ଷଣ ଯନ୍ତ୍ରୀଙ୍କ ହାତଖୋଲା ଖର୍ଚ୍ଚ ବା ଆର୍ଥିକ କ୍ଷମତା ଉପରେ ରୋକ ଲଗାଯାଇଥିବା ସୂଚନା ମିଳିଛି ।


କଟକର ଚୌଧୁରୀ ବଜାର ପୂଜାମଣ୍ଡପରେ ଶୋଭା ପାଉଛନ୍ତି ମା' ଦୁର୍ଗାଙ୍କ ପ୍ରତିମା। (ଫଟୋ : ସମ୍ବାଦ କଳିକା)

### ନବୀନ ନିବାସରେ ଦିନ ସାରା ବିଜୟୀ ଛାତ୍ର ପ୍ରତିନିଧିମାନଙ୍କ ଭିଡ଼

## ପାଠପଢ଼ା ପ୍ରତି ଧ୍ୟାନ ଦେବା ସହ କଲେଜର ଉନ୍ନତି ପାଇଁ କାମ କର : ନବୀନ

**ଭୁବନେଶ୍ୱର, ୧୭/୧୦ ନ୍ୟୁଜ ବ୍ୟୁରୋ**

ନିକଟରେ ଶେଷ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ଛାତ୍ର ନେତାମାନଙ୍କ ଗହଳି ଶନିବାର ଦିନ ସାରା ନବୀନ ନିବାସରେ ଲାଗି ରହିଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳର ବିଜୟୀ ବିଜୁ ଛାତ୍ର ଜନତା ଦଳ ନେତାମାନେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେଇଛନ୍ତି। ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ପାଠ ପଢ଼ା ଉପରେ ଗୁରୁତ୍ୱ ଦେବା ସହ ନିଜ କଲେଜର ଉନ୍ନତି ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମ୍ପ୍ରତି ଶେଷ



ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ୬୦ପ୍ରତିଶତରୁ ଅଧିକ କଲେଜରେ ଓ ୫୦ ପ୍ରତିଶତରୁ ଅଧିକ ବିଶ୍ୱବିଦ୍ୟାଳୟରେ ବିଜୟ ଲାଭ କରିଛି। ପ୍ରବଳ ସରକାରୀ ଚାପ ସତ୍ତ୍ୱେ ପିଲାମାନେ ବିଜୁ ଜନତା ଦଳ ଆଦର୍ଶରେ ବିଶ୍ୱାସ ରଖି ଏହି ବିପୁଳ ବିଜୟ ଆଣି ଥିବାରୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ ଯେ ୩୪୪ କଲେଜରେ ନିର୍ବାଚନ ଘୋଷଣା କରାଯାଇଥିଲେ ମଧ୍ୟ ୨୮୬ର ଫଳ ପ୍ରକାଶ ପାଇଛି। ତା'ମଧ୍ୟରୁ ୧୭୩ଟି କଲେଜରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ସେହିପରି ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ନିର୍ବାଚନ ବାତିଲ ହୋଇଥିଲା। ଖଲିକୋଟ ବିଶ୍ୱବିଦ୍ୟାଳୟରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀମାନେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନର୍ଥ ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ବିଶ୍ୱ ବିଦ୍ୟାଳୟରେ ବିଜୟ ଲାଭ କରିଛନ୍ତି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

### କିଟ୍ 'ଲ' ସ୍କୁଲ୍ ପକ୍ଷରୁ ଆଇନ ସଚେତନତା ଶିବିର

## ଭିନ୍ନକ୍ଷମ ଶିଶୁମାନଙ୍କ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ଉପରେ ଗୁରୁତ୍ୱ



**ଭୁବନେଶ୍ୱର, ୧୬ ।୧୦ ନ୍ୟୁଜ ବ୍ୟୁରୋ**

କିଟ୍ 'ଲ' ସ୍କୁଲ୍ ଲିଗାଲ୍ ସର୍ଭିସେସ୍ କ୍ଲିନିକ୍ ପକ୍ଷରୁ କଟକସ୍ଥିତ ଆଶ୍ରୟ ଦି ସେଲ୍‌ଟରଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମ ଶିଶୁମାନଙ୍କର ଆଇନଗତ ଅଧିକାର, ସେମାନଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଶିବିରରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ପ୍ରଚଳିତ ଆଇନଗତ ସୁରକ୍ଷା, ସଂପୃକ୍ତ ଆଇନଗତ ବ୍ୟବସ୍ଥା, ସେମାନଙ୍କ ଶିକ୍ଷା, ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଅଧ୍ୟାପକ ଓ ଛାତ୍ର ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରି ସମାବେଶୀ ଶିକ୍ଷା, ସୁଗମ୍ୟତା, ସରକାରୀ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ଶିଶୁମାନଙ୍କ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷାରେ ଆଇନର ଭୂମିକା ସମ୍ପର୍କରେ ମତ ବିନିମୟ କରିଥିଲେ। ଆଶ୍ରୟ ଦି ସେଲ୍‌ଟରର ଶିକ୍ଷକମାନଙ୍କ ନିଷ୍ଠା, ଧୈର୍ଯ୍ୟ ଓ ସମର୍ପଣ ଭାବକୁ ପ୍ରଶଂସା କରାଯିବା ସହ ଶିଶୁଙ୍କ ଶିକ୍ଷା, ବିକାଶ ଓ ଉନ୍ନତିରେ ଶିକ୍ଷକମାନଙ୍କ ଅବଦାନକୁ ଦଳ ପକ୍ଷରୁ ସ୍ୱୀକୃତି ଦିଆଯାଇଥିଲା। ଛାତ୍ର ସ୍ୱେଚ୍ଛାସେବୀମାନେ ମଧ୍ୟ ଶିଶୁମାନଙ୍କ ସହ ଭାବ ବିନିମୟ କରି ସେମାନଙ୍କ ଅନୁଭୂତି, ସାମର୍ଥ୍ୟ ଓ ଆବଶ୍ୟକତା ସଂପର୍କରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ । ଏହି କାର୍ଯ୍ୟକ୍ରମ ଆଇନ ଶିକ୍ଷାକୁ ସାମାଜିକ ସେବା ସହ ଯୋଡ଼ିବା ସହିତ ଭିନ୍ନକ୍ଷମଙ୍କ ଅଧିକାର ଓ ସାମାଜିକ ଅନ୍ତର୍ଭୁକ୍ତିକରଣର ବାସ୍ତବ ଦିଗଗୁଡ଼ିକୁ ବୁଝିବାର ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମକୁ ଲୋକନାଥ ମହାପାତ୍ର, ନିର୍ଦ୍ଦେଶକ, ଲିଗାଲ୍ ସର୍ଭିସେସ୍; ଶଶାଙ୍କ ନନ୍ଦେ ଏବଂ ଡ ପ୍ରଜ୍ଞା ପାରମିତା ରାୟ, ଫ୍ୟାକଲ୍‌ଟି କୋଅର୍ଡିନେଟର ପ୍ରମୁଖ ସଂଯୋଜନା କରିଥିଲେ । ଏଥିରେ ସୁସ୍ମିତା ମିଶ୍ର, ଲିଗାଲ୍ ସର୍ଭିସେସ୍ କ୍ଲିନିକର ଅଧ୍ୟାପିକା ଓ କିଟ୍ 'ଲ' ସ୍କୁଲ୍ ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଅମ୍ରିତା ବଳ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ 'ଲ' ସ୍କୁଲର ପୂର୍ବତନ ଛାତ୍ର ଶ୍ରୀଶେକ ଶିଖର ଏବଂ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ମିତାଲୀ ଜେଷ୍ଠୀ ମଧ୍ୟ ଉପସ୍ଥିତ ଥିଲେ। ଆଶ୍ରୟ ଦି ସେଲ୍‌ଟରରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଅଟିଜିମ୍, ଡାଉନ୍ ସିଣ୍ଡ୍ରୋମ୍, ସେରିବ୍ରାଲ୍ ପାଲସି, ଅନ୍ୟାନ୍ୟ ବୌଦ୍ଧିକ ଓ ବିକାଶଗତ ଅକ୍ଷମତା ଥିବା ଶିଶୁମାନଙ୍କର ଶିକ୍ଷା, ବିକାଶ ଓ ଯତ୍ନ ପ୍ରତି ଗୁରୁତ୍ୱ ଦିଆଯାଏ। ଏହି ପଦକ୍ଷେପ ମାଧ୍ୟମରେ କିଟ୍ 'ଲ' ସ୍କୁଲ୍ ଆଇନ ସଚେତନତାର ପ୍ରସାର, ଭିନ୍ନକ୍ଷମ ଶିଶୁମାନଙ୍କ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ଏବଂ ସାମାଜିକ ସମାବେଶ ଓ ସମାନତାଭିତ୍ତିକ ସମାଜ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି ।


ଭୁବନେଶ୍ୱର : ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକିଦଳର ଖେଳାଳିମାନେ ନବୀନ ନିବାସରେ ବିରୋଧିଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ ଗାଡ଼ି ଓ ଘରୁ ୨୧.୮୮ ଲକ୍ଷ ଜବତ

**କଟକ, ୧୭/୧୦ ନ୍ୟୁଜ ବ୍ୟୁରୋ**

ଦଶହରା ଉତ୍ସବକୁ ନେଇ ଠିକାଦାରଙ୍କଠାରୁ ଚାନ୍ଦା ଓ ଅତିରିକ୍ତ ଅର୍ଥ ଆଦାୟ ସମ୍ପର୍କିତ ଚର୍ଚ୍ଚା ମଧ୍ୟରେ କଟକ ମହାନଦୀ ନର୍ଥ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନ୍ନଜିତ୍ ଦାସ ଭିଜିଲାନ୍ସ ଜାଲରେ ଫସିଛନ୍ତି। ତାଙ୍କ ସରକାରୀ ବୋଲେରୋ ଓ ଭୁବନେଶ୍ୱରସ୍ଥିତ ବାସଭବନରେ ଚଢ଼ଉ କରି ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ନଗଦ ଜବତ କରିଛି ଭିଜିଲାନ୍ସ। ଠିକାଦାରଙ୍କ ସହ ଆର୍ଥିକ କାରବାର ଏବଂ ଜବତ ଟଙ୍କାର ଉତ୍ସକୁ ନେଇ ତଦନ୍ତ ଜାରି ରହିଛି। ଦଶହରା ଖର୍ଚ୍ଚ ପାଇଁ ଠିକାଦାରଙ୍କଠାରୁ ଅର୍ଥ ଆଦାୟ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଦଶହରା ସମୟରେ ଠିକାଦାରଙ୍କଠାରୁ ଉତ୍ସବ ଖର୍ଚ୍ଚ ବାବଦରେ ଚାନ୍ଦା କିମ୍ବା ଅନ୍ୟାନ୍ୟ ଅର୍ଥ ମଗାଯାଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ଦାବି କରାଯାଉଛି। ଏହି ଚର୍ଚ୍ଚା ମଧ୍ୟରେ ଜଣେ ବରିଷ୍ଠ ଯନ୍ତ୍ରୀଙ୍କ ନିକଟରୁ ଏତେ ପରିମାଣର ନଗଦ ଟଙ୍କା ଜବତ ହେବା ଘଟଣା ଠିକାଦାରଙ୍କ ସହ ହେଉଥିବା ଆର୍ଥିକ କାରବାରକୁ ନେଇ ପ୍ରଶ୍ନ ଉଠାଇଛି। ତେବେ, ଦଶହରା ଚାନ୍ଦା ଆଦାୟ ସହ ଜବତ ଟଙ୍କାର ସିଧାସଳଖ ସମ୍ପର୍କ ରହିଛି କି ନାହିଁ, ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ, ଏକାଧିକ ଠିକାଦାରଙ୍କଠାରୁ ଅର୍ଥ ମଗାଯାଇଥିବା ଏବଂ ଅଧିକ ଟଙ୍କା ଅନ୍ୟ କୌଣସି ସ୍ଥାନରେ ରଖାଯାଇ ଥାଇ ପାରେ ବୋଲି ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏହି ଦାବିଗୁଡ଼ିକର ସତ୍ୟତା ଯାଞ୍ଚ କରିବା ସହ ଅନ୍ୟ କୌଣସି ସ୍ଥାନରେ ଅର୍ଥ ଲୁଚାଇ ରଖାଯାଇଛି କି ନାହିଁ, ସେ ଦିଗରେ ତଦନ୍ତର ଆବଶ୍ୟକତା ରହିଛି।

